**ଧାନକିଣାରେ ଅନିୟମିତତା**

# ଜଳେଶ୍ୱରରେ ପୁଣି ଗର୍ଜିଲେ ଚାଷୀ

**ଜଳେଶ୍ୱର, ୨୬।୨(ନବୀନ ସାହୁ)**

ଧାନ ଉଠିବା ସମସ୍ୟା ଓ ମିଲରଙ୍କ ମନମାନୀକୁ ନେଇ ଜଳେଶ୍ୱର ବ୍ଲକରେ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ରାଜପୁର ପଞ୍ଚାୟତ ରାମନଗର ପାଟଣା ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ନିଜର ହକ୍ ପାଇଁ ଗୁରୁବାର ସକାଳେ ପୁଣି ଥରେ ଧାରଣା ଦେଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଥିବାରୁ ଚାଷୀମାନେ ଏବେ ଲଢ଼େଇ ମୁଡ୍‌ରେ ଅଛନ୍ତି।

ଗତ ୧୭ତାରିଖରେ ଧାନକିଣାରେ ଅନିୟମିତତା ପ୍ରତିବାଦରେ ଚାଷୀମାନେ ରାସ୍ତାରୋକୋ କରିଥିଲେ। ସେତେବେଳେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଓ ଯୋଗାଣ ବିଭାଗ ଅଧିକାରିଣୀ ଅବନ୍ତିକା ସାହୁ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତିର ୧୦ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ।


ଧାରଣାରତ ଚାଷୀ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ୨୬ ଏବଂ ୨୭ ତାରିଖ ମଧ୍ୟରେ ପ୍ରାୟ ୧୦୦ ଜଣ ଚାଷୀଙ୍କ ଟୋକନ ଲାପ୍ସ (ସମୟସୀମା ଶେଷ) ହୋଇଯିବ। ଯଦି ଧାନ ନ କିଣାଯାଏ, ତେବେ ଚାଷୀମାନେ ପ୍ରାୟ ୩୦୦୦ କୁଇଣ୍ଟାଲ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ମିଲରମାନେ ଧାନ ଉଠାଇବାରେ ପାତରଅନ୍ତର କରୁଥିବା ନେଇ ଚାଷୀ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଧାରଣାରେ ବସିଥିବା ଚାଷୀମାନେ ସ୍ପଷ୍ଟ କରିଛନ୍ତି ଯେ, ଯେ ପର୍ଯ୍ୟନ୍ତ ସମସ୍ତ ପଞ୍ଜିକୃତ ଚାଷୀଙ୍କ ପାଖରୁ ସରକାର ଧାନ ନ କିଣିଛନ୍ତି, ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଆମରଣ ଅନଶନ କରାଯିବ ବୋଲି ଚାଷୀ କ୍ରିୟାନୁଷ୍ଠାନ କମିଟି ସଭାପତି ରବିନାରାୟଣ ମିଶ୍ର ଚେତାବନୀ ଦେଇଛନ୍ତି।

**ସମବାୟ ସମିତି ସମ୍ମୁଖରେ ଧାରଣା**

ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଭୁଆଁ ବୁଲାଉଛି। ଆମର ଟୋକନ ଲାପ୍ସ ହେବାକୁ ବସିଲାଣି, ହେଲେ ଧାନ ଉଠୁନି। ଆମେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବୁ ବୋଲି ଆନ୍ଦୋଳନକାରୀ ଚାଷୀମାନେ କହିଛନ୍ତି। ଏହି ଧାରଣାରେ ପୂର୍ବତନ ସରପଞ୍ଚ ଦିଲୀପ ପରିଡା, ପୌରପାଳିକା ଉପାଧ୍ୟକ୍ଷ ପ୍ରତିନିଧି ବିଜୟ କାମିଲା, ମଧୁସୂଦନ ଦାସ, ଜ୍ୟୋତିର୍ମୟନନ୍ଦ ପାଲ, ଦୁର୍ଗାଶଙ୍କର ଭୂୟାଁ, ସୁନୀଲ ମହାନ୍ତି, ରାଧାଶ୍ୟାମ ସାହୁ, ଶ୍ରୀକାନ୍ତ ଭୂୟାଁ, ଆଦିକନ୍ଦ ପାତ୍ର, ସନ୍ନ୍ୟାସୀ ସିଟ, ହରିଶଚନ୍ଦ୍ର ଭୂୟାଁ ଓ ଗଣେଶ ପାତ୍ରଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଛନ୍ତି। ଶେଷ ଖବର ସୁଦ୍ଧା ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା ଜାରି ରହିଛି।

# ବ୍ୟାସକବିଙ୍କ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ସ୍ଥାନାନ୍ତର ଦାବି


ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଷ୍ଟେଶନ ମ୍ୟାନେଜରଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର**

**ବାଲେଶ୍ୱର, ୨୬।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ରେଲୱେ ଷ୍ଟେଶନ ସମ୍ମୁଖରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ଉପଯୁକ୍ତ ସ୍ଥାନକୁ ସୁରକ୍ଷିତ ସ୍ଥାନାନ୍ତର ଦାବିରେ ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଗୁରୁବାର ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱର ରେଲୱେ ଷ୍ଟେଶନର ସମ୍ପ୍ରସାରଣ ଓ ଆଧୁନୀକରଣ ପାଇଁ ସମ୍ପୃକ୍ତ ବିଭାଗ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରେଲୱେ କର୍ତ୍ତୃପକ୍ଷ ଷ୍ଟେଶନ ମୁଖ୍ୟଦ୍ୱାର ନିକଟରେ ଥିବା ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରତିମୂର୍ତ୍ତିକୁ ସୁରକ୍ଷିତ ସ୍ଥାନାନ୍ତର କରିବାକୁ ଦାବି କରି ଜିଲା କଂଗ୍ରେସ କମିଟିର ଉପସଭାପତି ସରୋଜ ଲେଙ୍କାଙ୍କ ନେତୃତ୍ୱରେ ଗୁରୁବାର ପୂର୍ବାହ୍ନରେ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଇ ଷ୍ଟେଶନ ମ୍ୟାନେଜରଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଷ୍ଟେଶନ ମ୍ୟାନେଜର ଏସ୍. ରାଉତ ଦାବିପତ୍ର ଗ୍ରହଣ କରି କହିଥିଲେ ଯେ, ବ୍ୟାସ କବିଙ୍କ ପ୍ରତିମୂର୍ତ୍ତିକୁ ନିଶ୍ଚିତ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯିବ। ପ୍ରତିମୂର୍ତ୍ତି ସ୍ଥାନାନ୍ତର ବେଳେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ, ସାହିତ୍ୟ ସଙ୍ଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ। ଷ୍ଟେଶନର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଷ୍ଟେସନ ପ୍ରବେଶ ଦ୍ୱାରରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ପୁଣି ସ୍ଥାପନ କରାଯିବ।

# ମାର୍ଚ୍ଚ ୫ରେ ଏଫ୍‌ଏମ୍‌ୟୁରେ ଜିଲାସ୍ତରୀୟ 'ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ'

**ବାଲେଶ୍ୱର, ୨୬।୨(ବାଞ୍ଛାନିଧି ଦେ)**

- ଅଂଶଗ୍ରହଣ କରିବେ ୨ଶହ ପ୍ରତିଯୋଗୀ
- ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ବକ୍ତୃତା ପ୍ରତିଯୋଗିତା

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ରେ ଜିଲାସ୍ତରୀୟ 'ବିକଶିତ ଭାରତ ୟୁଥ ପାର୍ଲାମେଣ୍ଟ-୨୦୨୬' ଅନୁଷ୍ଠିତ ହେବ। ଏଥିରେ 'ଜରୁରୀକାଳୀନ ପରିସ୍ଥିତିରେ ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ବକ୍ତୃତା ପ୍ରଦାନ କରିପାରିବେ। ବାଲେଶ୍ୱର ଜିଲା ଅନ୍ତର୍ଗତ ୧୮ରୁ ୨୫ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବବର୍ଗ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରତିଯୋଗିତାରେ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ବ୍ୟବସ୍ଥା ରହିଛି। ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହେବେ ଏବଂ ସେଠାରୁ ୩ଜଣ କେନ୍ଦ୍ରସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିବେ। ଏହି କାର୍ଯ୍ୟକ୍ରମ ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ଏନ୍‌ଏସ୍‌ଏସ୍ ବ୍ୟୁରୋ ସମନ୍ୱୟକର୍ତ୍ତା ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ନେହେରୁ ଯୁବକେନ୍ଦ୍ର ଯୁବ ଅଧିକାରୀ ଏମ୍. ବିଘ୍ନେଶ, ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରତିମା ପ୍ରଧାନ, ପୂର୍ବତନ ପ୍ରୋଗ୍ରାମ ଅଫିସର ଗୌରାଙ୍ଗ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ଅଭୟ ନାୟକ ପ୍ରମୁଖ ଏହି କମିଟିକୁ ମନୋନୀତ ହୋଇଛନ୍ତି। ଭାରତର ବିକାଶ ପ୍ରକ୍ରିୟାରେ ଯୁବବର୍ଗଙ୍କୁ ସକ୍ରିୟ ଭାବେ ସାମିଲ କରିବା ସହ 'ବିକଶିତ ଭାରତ' ଅଭିଯାନରେ ସେମାନଙ୍କ ମତାମତକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶ ଘଟିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି।

# ଜେଏନ୍ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ଉପସ୍ଥିତ ସିଇଓଙ୍କ ସହ ଅଧିକାରୀଗଣ।

**ଟିପିଏନ୍‌ଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ ପାଳନ**

**ବାଲେଶ୍ୱର, ୨୬।୨(ବାଞ୍ଛାନିଧି ଦେ)**

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଜେଏନ୍ ଟାଟାଙ୍କ ଜନ୍ମ ଜୟନ୍ତୀ କର୍ପୋରେଟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଛି। ଏହି ଅବସରରେ ନୈତିକତା ସପ୍ତାହର ଶୁଭାରମ୍ଭ କରାଯାଇଛି। ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସର୍ବଦା ନୀତି ଓ ଆଦର୍ଶରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଜେଏନ୍ ଟାଟାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ତଥା ଉପଭୋକ୍ତାଙ୍କ ପ୍ରତି ସର୍ବଦା ସ୍ୱର୍ଶକାତର ମନୋଭାବ ପ୍ରଦର୍ଶନ କରିବାକୁ ସେ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କର୍ମଚାରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି, ସ୍ଲୋଗାନ୍, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସପ୍ତାହର ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଟିପିଏନ୍‌ଓଡିଏଲ୍ ସିଏଫ୍‌ଓ ଶିଲାଦିତ୍ୟ ସେନଗୁପ୍ତା, ଚିଫ୍ ଅପରେଶନ ନିଲେଶ ପୋଟଫଡେ, ଚିଫ୍ କମର୍ସିଆଲ ଜୟଦୀପ ରାୟ, ଚିଫ୍ କଣ୍ଟ୍ରାକ୍ଟ ଭିପିନ ଚୌହାନ, ଫାଇନାନ୍ସ ଜିଏମ୍ ସଞ୍ଜୀବ ସାହୁ, ହେଡ୍ ଏଚ୍‌ଆର୍ ରମେନ୍ଦ୍ର ନାରାୟଣ ବଣିକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୃହ ଉଦ୍ୟୋଗ ଦେଶ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରେ


ଅତିଥିଙ୍କ ଗହଣରେ ଗୃହ ଉଦ୍ୟୋଗୀ।

**ସବାଇ ଘାସ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

**ବାଲିଆପାଳ, ୨୬।୨(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଶୁଭମ ଗେଷ୍ଟ ହାଉସ ସଭାଗୃହରେ ବୁଧବାର ସବାଇ କ୍ରାଫ୍ଟ ଉତ୍ପାଦକ କମ୍ପାନୀ ଲିମିଟେଡ଼ ଏବଂ ଡେଭଲପମେଣ୍ଟ କମିଶନର ହାଣ୍ଡିକ୍ରାଫ୍ଟ, ହସ୍ତତନ୍ତ ମନ୍ତ୍ରାଳୟ ଭାରତ ସରକାରଙ୍କ ସହଯୋଗିତାରେ ୬ ଦିନିଆ ସବାଇ ଘାସ ଉଦ୍ୟୋଗ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ଗୃହ ଉଦ୍ୟୋଗ କେବଳ ରୋଜଗାରକ୍ଷମ କରେନି ବରଂ ଦେଶକୁ ଆଗେଇ ନେବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହି ଅବସରରେ ଅନୁଷ୍ଠିତ ସଭାକୁ ସବାଇ କ୍ରାଫ୍ଟ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ମ୍ୟାନେଜିଂ ଡାଇରେକ୍ଟର ଅଜିତ କୁମାର ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଡାଇରେକ୍ଟର ଜଗନ୍ନାଥଙ୍କ ଦାସ ସଞ୍ଚାଳନ କରିଥିଲେ। ଶିବିରରେ ବାଲିଆପାଳ ବିଡିଓ ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ହାଣ୍ଡିକ୍ରାଫ୍ଟ ପ୍ରମୋଶନ ଅଫିସର(ଡେଭଲପମେଣ୍ଟ କମିଶନ ଭୁବନେଶ୍ୱର, ଏଚ୍‌ଏସ୍‌ସି)ର ବୀର ଭରତ ମାରାଣ୍ଡି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ବାଲିଆପାଳ ବ୍ଲକ ମିଶନଶକ୍ତି କୋର୍ଡିନେଟର ଉତ୍ତମ କୁମାର ସାହୁ, ପ୍ରଶିକ୍ଷକ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ ଓଡ଼ିଶା ସରକାରଙ୍କର ସୁବ୍ରତ କୁମାର ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସବାଇ କ୍ରାଫ୍ଟ ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗୃହ ଉଦ୍ୟୋଗୀ ନିଜକୁ ଜଣେ ଜଣେ ଉଦ୍ୟୋଗୀ ବୋଲି ପରିଚୟ କରାଇବା ସହିତ ଅନ୍ୟକୁ ନିଜ ସହିତ ଯୋଡି ରୋଜଗାରକ୍ଷମ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଚକୋଲେଟ୍ ଦେବା ଆଳରେ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

**ବାଲେଶ୍ୱର, ୨୬।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

**ମା'ଙ୍କ ହାବୁଡ଼ରେ ପଡ଼ି ବୃଦ୍ଧା ଥାନାକୁ ଗଲେ**

ବାଲେଶ୍ୱର ଟାଉନ ଥାନା ଅଧୀନ ନୁରୁପୁର ରୋଡ଼ରେ ଗୁରୁବାର ଅପରାହ୍ନ ୨ଟାରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅପହରଣ ଉଦ୍ୟମ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ମା' ସ୍ଥାନୀୟ ଲୋକଙ୍କୁ ଜଣାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ମା', ଝିଅ ଓ ସମ୍ପୃକ୍ତ ଅପରିଚିତା ବୃଦ୍ଧାଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ମହିଳାଙ୍କ ପରିଚୟ ମିଳିପାରିନାହିଁ। ତେବେ ମହିଳାଙ୍କ ବେଶଭୂଷାରୁ ସେ କୌଣସି ଦକ୍ଷିଣାତ୍ୟ ରାଜ୍ୟର ଲୋକ ହୋଇଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପିଲା ଚୋରି ନେଇ ଭୟ ପ୍ରକାଶ ପାଇଛି। ଗୁରୁବାର ପରମିଟଘାଟ ଅଞ୍ଚଳର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ନୁରୁପୁର ରୋଡ଼ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାହାରେ ସ୍କୁଲ ବ୍ୟାଗ ଧରି ଛିଡ଼ା ହୋଇଥିବା ବେଳେ ଜଣେ ବୃଦ୍ଧା ପିଲାଟିକୁ ଚକୋଲେଟ ଦେବାର ପ୍ରଲୋଭନ ଦେଖାଇ ଅଜଣା ସ୍ଥାନକୁ ନେଇଯାଉଥିଲେ। ଛାତ୍ରୀଙ୍କ ମା' ଅପରପାର୍ଶ୍ୱରୁ ଆସୁଥିବା ଦେଖି କୁନି ଛାତ୍ରୀଜଣଙ୍କ ନିଜ ମା'ଙ୍କୁ ଡାକି ସବୁ କଥା କହି ଦେଇଥିଲେ।

# ଏସ୍‌ଆର ଗ୍ରୁପ୍ ପକ୍ଷରୁ ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର

**ଖଇରା, ୨୬।୨(ଉତ୍କଳବନ୍ଧୁ ପଣ୍ଡା)**

**ରକ୍ତ ଦେଲେ ୧୦୨, ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୪୫୦ରୋଗୀ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦେଉଳି ଛକସ୍ଥିତ ଏସ୍‌ଆର ଗ୍ରୁପ କାର୍ଯ୍ୟାଳୟ ପରିସରରେ ସାଇନିଂ ଫାଉଣ୍ଡେଶନ ପକ୍ଷରୁ ବୁଧବାର ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଭେଷଜ ବିଶେଷଜ୍ଞ ଅନୀଲ କୁମାର ବୁଗୁଡି ଓ ଚର୍ମରୋଗ ବିଶେଷଜ୍ଞ ଶ୍ରୀକାନ୍ତ ଆଚାର୍ଯ୍ୟ ୪୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଏସ୍‌ଆର ଗ୍ରୁପ ଅଧ୍ୟକ୍ଷ ରାଜେଶ କୁମାର ମହାକୁଡ ପୌରୋହିତ୍ୟ କରିଥଲେ। ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲା ରକ୍ତ ଭଣ୍ଡାର ମୁଖ୍ୟ ଡଃ ବସନ୍ତ କୁମାର ଉପାଧ୍ୟାୟ, ଯୁବନେତା ନୀଳମାଧବ ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଷ୍ଣୁମୋହନ ଶତପଥି, ଗଣ୍ଡିବେଡ ବଣିକ ସଂଘ ସମ୍ପାଦକ ଅଭିମନ୍ୟୁ ରାଉଳ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ସାମାଜିକ କର୍ମୀ ରାମଚନ୍ଦ୍ର ମହାକୁଡ, ଦୀପ୍ତିକାନ୍ତ ଶାସ୍ତ୍ରୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ୨୧ବର୍ଷ ଧରି ସମ୍ଭାବନା ଟ୍ରଷ୍ଟ ଦ୍ୱାରା କିଭଳି ପ୍ରତିକୂଳ ପରିସ୍ଥିତିରେ ଦୀନ ଦୁଃଖୀଙ୍କ ସେବା ସହଯୋଗ କରିଆସିଛି ସେ ସମ୍ପର୍କରେ ମହାକୁଡ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ପୁରୁଷ ରକ୍ତଦାତାଙ୍କୁ ଟି-ସାର୍ଟ ଓ ମହିଳା ରକ୍ତଦାତାଙ୍କୁ ସାଲ୍ ପ୍ରଦାନ କରାଯାଇଥିଲା।


ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

**ସମ୍ପର୍କ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ଭଦ୍ରକ ଇମେଜ ଏକାଦଶ ଚାମ୍ପିୟନ

**କାଳିପଦା, ୨୬।୨(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ଦୋଭକ ପଞ୍ଚାୟତ ଦାନ୍ତୁଣିଦା ଛକ ନିକଟରେ ୧୦ଦିନ ଧରି ଅନୁଷ୍ଠିତ ହୋଇଥିବା ଅଲ ଓଡ଼ିଶା ସମ୍ପର୍କ କ୍ଲବ ଦାନ୍ତୁଣିଦା ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ସମୁଦାୟ ଓଡ଼ିଶାରୁ ବିଭିନ୍ନ ଜିଲାରୁ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ସନ୍ଥପୁରା ଡିସିସି କ୍ଲବ ପ୍ରଥମେ ବ୍ୟାଟିଂ କରି ୮୧ ରନ୍ କରିଥିଲା। ଜବାବରେ ଭଦ୍ରକର ଇମେଜ ଏକାଦଶ ୧ ରନ ଅଧିକ କରି ୮୨ ରନ୍‌ରେ ବିଜୟ ହାସଲ କରିଥିଲା।

ସ୍ଥାନୀୟ ସରପଞ୍ଚ ସବିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରାଧାରଞ୍ଜନ ଦାଶ, ଆଇଆଇସି ସାଲଖାନ ମୁର୍ମୁ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ନାୟକ, ପ୍ରତାପ କେଶରୀ ନାଥ, ଦେବ କୁମାର ଦେ, ମନ୍ମଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ଅମ୍ପାୟାର ତେଙ୍ଗେତେଙ୍ଗ ଓ ଲିଟନ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ ସଭାପତି ଜ୍ଞାନରଞ୍ଜନ ଦାସ, ଉପ-ସଭାପତି ରତିକାନ୍ତ ଦଳାଇ, ଦୀପକ କୁମାର ଜେନା, ଶରତ ବେହେରା, ପ୍ରଶାନ୍ତ ଦଳାଇ, ଅମିତ ଜେନା, ସତ୍ୟ ଦଳାଇ, ସାଗର ଦଳାଇ, ପ୍ରଫୁଲ୍ଲ ମହାନ୍ତି, ରାମଚନ୍ଦ୍ର ଜେନା, ଜୀବନଜ୍ୟୋତି ମହାନ୍ତି ଓ ସନୁ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।


ଅତିଥିମାନଙ୍କ ଦ୍ୱାରା ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ

**ସମନ୍ୱିତ କୃଷି ଉପରେ ବିବରଣୀ ଦେଲେ ଅଧିକାରୀ**

**ଖଇରା, ୨୬।୨(ଉତ୍କଳବନ୍ଧୁ ପଣ୍ଡା)**

ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନାରେ ୨ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବାଲେଶ୍ୱର ଜିଲା ଅଧୀନ ଖଇରା ଶିକ୍ଷକ ଭବନ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୃତି ସଞ୍ଜିତା ଗିରି ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ଉଦ୍ୟାନ କୃଷି ସହନିର୍ଦ୍ଦେଶିକା ରଶ୍ମିରେଖା ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ସହକାରୀ କୃଷି ଅଧିକାରୀ ରମ୍ୟ ସାହୁ, ସିମୁଳିଆ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତିପ୍ରକାଶ ମହାପାତ୍ର, ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ଡା. ରିତାଞ୍ଜଳୀ ନାୟକ ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଜିଆଖତ ତଥା ସମନ୍ୱିତ କୃଷି ଉପରେ ଚାଷୀମାନଙ୍କୁ ବୁଝାଇଥିଲେ।

# ବିଦ୍ୟାଳୟରେ ୫ଜଣିଆ ତଦନ୍ତକାରୀ ଟିମ୍

**ଛାତ୍ରଙ୍କ ନିକଟରୁ ବନ୍ଧୁକ ଉଦ୍ଧାର ଘଟଣା**

**ବାହାନଗା, ୨୬।୨(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶ୍ରୀଜଙ୍ଗସ୍ଥିତ ଦାସମହାପାତ୍ର ହାଇସ୍କୁଲର ଗତ ମାସ ୩୦ରେ ଜଣେ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ଉଦ୍ଧାର ହେବା ଘଟଣାର ଦୀର୍ଘ ୨୬ଦିନ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ୫ଜଣିଆ ତଦନ୍ତକାରୀ ଟିମ୍ ଗୁରୁବାର ଅପରାହ୍ନରେ ବିଦ୍ୟାଳୟରେ ତଦନ୍ତ କରି ଫେରିଛନ୍ତି। ସେହି ଘଟଣାକୁ ନେଇ ବିଦ୍ୟାଳୟରୁ ସମ୍ପୃକ୍ତ ଛାତ୍ରଙ୍କୁ ଟିସି ଦେଇ ବାହାର କରିବା ଦାବି କରି ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଦୀର୍ଘ ଦିନ ଧରି ଧାରଣାରେ ବସିଥିଲେ। ଏହାକୁ ଦେଖି ଜିଲା ପ୍ରଶାସନ ସମ୍ପୃକ୍ତ ଛାତ୍ରଙ୍କ ଟିସି ଜିଲାପାଳଙ୍କ ଦସ୍ତଖତ ଉଦ୍ଦେଶ୍ୟରେ ନେଇଯିବା ପରେ ଅଭିଭାବକମାନେ ଧାରଣା ପ୍ରତ୍ୟାହାର କରି ବିଦ୍ୟାଳୟକୁ ନିଜର ପିଲାମାନଙ୍କୁ ଛାଡିଥିଲେ।

ଏହି ଘଟଣା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ଖନ୍ତାପଡା ଥାନାରେ ଏକ ମାମଲା(ନଂ. ୪୧ /୨୦୨୬) ରୁଜୁ କରାଯାଇଛି। ତେବେ ଦୀର୍ଘ ୨୬ଦିନ ପରେ ଶ୍ରୀଜଙ୍ଗସ୍ଥିତ ଦାସ ମହାପାତ୍ର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟକୁ ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ୫ଜଣିଆ କମିଟି ତଦନ୍ତ କରିବାକୁ ବିଦ୍ୟାଳୟକୁ ଆସିଥିଲେ। ଏହି କମିଟିର ମୁଖ୍ୟ ଉପଜିଲାପାଳ ଶିବ ମାଲବୀୟ ଅଛନ୍ତି। ତାଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ରେମୁଣା ତହସିଲଦାର ଭର୍ତ୍ତୃହରି ଭୂଇଁଆଙ୍କ ସମେତ ଜିଲା ଶିକ୍ଷାପ୍ରକଳ୍ପ ସଂଯୋଜକ ଓ ଜଣେ ଶିକ୍ଷାବିତ୍ ଗୁରୁବାର ତଦନ୍ତ କରିବାକୁ ଆସିଥିଲେ। ତଦନ୍ତରେ କମିଟି ତରଫରୁ ୧୦ଜଣିଆ ଅଭିଭାବକ ମଣ୍ଡଳୀ ଓ ପରିଚାଳନା କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା ପରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ଯେନାଙ୍କ ସହିତ ଆଲୋଚନା କରିସାରି ସମ୍ପୃକ୍ତ ବିବାଦୀୟ ନବମ ଶ୍ରେଣୀ ଛାତ୍ରଙ୍କ ଘରକୁ ଯାଇ ସଦସ୍ୟମାନେ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ସେମାନେ କମିଟିର ମୁଖ୍ୟ ଉପଜିଲାପାଳଙ୍କୁ ଦେବେ ବୋଲି ପ୍ରକାଶ କରିଥିଲେ। ଏ ବବାଦରେ ଅବିଭାବକମାନେ କହିଛନ୍ତି, ଆସନ୍ତା ମାର୍ଚ୍ଚ ୫ରେ ବିଦ୍ୟାଳୟରେ ପରୀକ୍ଷା ହେବ। ଯଦି ସମ୍ପୃକ୍ତ ଛାତ୍ର ପରୀକ୍ଷା ଦିଏ ତା'ହେଲେ ଆମେ ଆମର ସମସ୍ତ ୪୨୨ ଜଣ ପିଲାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲକୁ ଆସିବା ବନ୍ଦ କରିଦେବୁ ବୋଲି ଚେତାବନୀ ଦେଇଛନ୍ତି।



# ତାତି ବଢ଼ିବା ପୂର୍ବରୁ ପାଣି ଚିନ୍ତା

- ଜଳ ସଙ୍କଟର ସମାଧାନ ପାଇଁ ଅଣ୍ଟା ଭିଡ଼ିଲା ପୌରପାଳିକା
- ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ନେଇ ବୈଠକ
- ଅଚଳ ଅମୃତଧାରା ଓ ନଳକୂପକୁ ତୁରନ୍ତ କାର୍ଯ୍ୟକ୍ଷମ ନିର୍ଦ୍ଦେଶ
- ସହରରେ ନିର୍ମାଣ ହେବ ୩ ଓଭରହେଡ୍ ପାଣି ଟାଙ୍କି

ବାରିପଦା,୨୬।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଜଳ ସଙ୍କଟ ଦୂର କରିବା ପାଇଁ ପୌରପାଳିକା ଅଣ୍ଟା ଭିଡିଛି। ଏନେଇ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ପୌରପାଳିକା ସମ୍ମିଳନୀ କକ୍ଷରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଉପ ନଗରପାଳ ସୀମା ଦାସ, ୱାଟ୍‌କୋ ସାଧାରଣ ପରିଚାଳକ ଗୁଲସନ ସାହୁ, ୱାଟକୋର ସମସ୍ତ ଏସଡିଓ ଏବଂ କନିଷ୍ଠ ଯନ୍ତ୍ରୀ, ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ। ବାରିପଦା ପୌରପାଳିକା ଅନ୍ତର୍ଗତ ୨୮ଟି ୱାର୍ଡର ଜଳ ସମସ୍ୟା ସମାଧାନ ପାଇଁ ଆଲୋଚନା ବୈଠକରେ ହୋଇଥିଲା। ଗ୍ରୀଷ୍ମପ୍ରବାହ ପୂର୍ବରୁ ୱାର୍ଡମାନଙ୍କରେ ଅସମ୍ପୂର୍ଣ୍ଣ ଥିବା ପାଇପ ଲାଇନ ସଂଯୋଗ, ପାଇପ ବିଛାଇବା, ନଳ କୂପ ମରାମତି ଓ ନୂତନ ନଳକୂପ ଖନନ କରି ପମ୍ପ ହାଉସ ଜରିଆରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ କରିବାକୁ ପୌରାଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ନିଜ ଅଞ୍ଚଳର ପାନୀୟ ଜଳ ସମସ୍ୟା ଓ ଏହାର ସମାଧାନ ନେଇ ସ୍ଥାନୀୟ କାଉନସିଲରମାନେ ଅବଗତ କରିଥିଲେ। ଅନେକ ସ୍ଥାନରେ ଗତ ବର୍ଷରୁ ସମସ୍ୟା ଲାଗି ରହିଥିବା ବେଳେ ୱାଟ୍‌କୋ ପକ୍ଷରୁ ତାହାର ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ନିମନ୍ତେ ୱାଟକୋ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ କାଉନସିଲରମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ସମାଧାନ ନିମନ୍ତେ ସମସ୍ତ କାଉନସିଲର ଓ ୱାଟକୋ କର୍ତ୍ତୃପକ୍ଷଙ୍କୁ ନେଇ ଏକ ହାଟ୍ସଆପ ଗ୍ରୁପ ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରୁପ ଜରିଆରେ ସମସ୍ୟା ଜଣାଇଲେ ୨୪ଘଣ୍ଟା ମଧ୍ୟରେ ତାହାର ସମାଧାନ କରାଯିବ ବୋଲି କୁହାଯାଇଛି।

ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବାରିପଦା ପୌରାଞ୍ଚଳର ଲାଲ ବଜାର, ତୁଳସୀଚୌରା, ଶୁନଗଡ଼ିଆ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ୧୦ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ନିର୍ମାଣ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ଏଥି ନିମନ୍ତେ ଆବଶ୍ୟକ ସ୍ଥାନ ପୌର କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ସହର ମଧ୍ୟରେ ଥିବା ବେଲଗଡ଼ିଆ, ଚକ୍ର ସାହି, ସ୍ୱରୂପ ନଗର, ଝିଞ୍ଚିରି ବନ୍ଧ, ମାଲି ସାହି, ମଧୁବନ, କାଳୀ ମନ୍ଦିର ସାହି, କମଳା ନେହେରୁ ସାହି, ଢ଼ିପା ସାହି, ବିନ୍ଧାଣି ସାହି, ୱାର୍ଡ ନମ୍ବର ୧୩, ତକତପୁର, କୁଷ୍ଠାଶ୍ରମ ଗଳି, ୱାର୍ଡ ନମ୍ବର ୨୨, ମୁସଲିମ ସାହି, କାଳିକା ପୁର, ଲାଲ ବଜାର, ଭୁଗୁଡା କଟା, ନୂଆ ସାହି, କୁମ୍ଭାର ସାହି, ଖଡ଼ିଆ ସାହି, ନିକୋ ପଛ ପଟ ସାହି ଆଦି ସ୍ଥାନରେ ପାନୀୟ ଜଳ ସମସ୍ୟା ଅଧିକ ଥିବାରୁ ତୁରନ୍ତ ସମାଧାନ କରିବା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାରିପଦା ସହରର ପାନୀୟ ଜଳ ସମସ୍ୟାର ସମାଧାନ କରି ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ୱାଟକୋ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। ଜମ୍ବୀର ଡ୍ୟାମରୁ ବାରିପଦା ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହେଉ ନ ଥିବାରୁ ଜଳ ସଙ୍କଟ ଦେଖାଯାଉଛି। ବିଳମ୍ବ ନକରି ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ପୌରାଧ୍ୟକ୍ଷ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଜଳ ସଙ୍କଟର ସମାଧାନ ନେଇ ପଦକ୍ଷେପ ଗ୍ରହଣ ନ କରିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ପୌରାଧ୍ୟକ୍ଷ ମହାନ୍ତି ଚେତାବନୀ ଦେଇଛନ୍ତି।



ବୈଠକରେ ଉପସ୍ଥିତ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ଅନ୍ୟମାନେ।

# ଜନ୍ମ ମାଟିରେ ଯବାନଙ୍କ ଶେଷକୃତ୍ୟ



ଯବାନ ଲକ୍ଷ୍ମଣ ସୋରେନଙ୍କ ବାପାଙ୍କୁ ସିଆଇଏସ୍‌ଏଫ୍ ଅଧିକାରୀ ଜାତୀୟ ପତାକା ପ୍ରଦାନ କରୁଛନ୍ତି।

ମୋରଡ଼ା/ରାସଗୋବିନ୍ଦପୁର,୨୬।୨
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ଜନ୍ମ ମାଟିରେ ଓଡ଼ିଆ ଯବାନଙ୍କୁ ଦିଆଯାଇଛି ଶେଷ ବିଦାୟ। 'ଅମର ରହେ ଯବାନ ଲକ୍ଷ୍ମଣ' ସ୍ୱରରେ କମ୍ପିଥିଲା ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଖୁଣ୍ଟାପାଳ ଗ୍ରାମ। ସୂଚନା ଅନୁଯାୟୀ, ଖୁଣ୍ଟାପାଳ ଗ୍ରାମର ଲକ୍ଷ୍ମଣ ସୋରେନ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବଳ(ସିଆଇଏସ୍‌ଏଫ୍)ରେ ଚାକିରି କରିବା ସହ ତାମିଲନାଡୁ ରାଜ୍ୟ ଚେନ୍ନାଇ ଏୟାରପୋର୍ଟରେ ହେଡ୍ କନଷ୍ଟେବଲ ଦାୟିତ୍ୱରେ ଥିଲେ। ଗତ ଫେବୃୟାରୀ ୪ ତାରିଖରେ ଏୟାରପୋର୍ଟରେ ଲକ୍ଷ୍ମଣ କାର୍ଯ୍ୟରତ ଥିବା ବେଳେ ସକାଳୁ ଜଳଖିଆ ଖାଇବା ପାଇଁ କ୍ୟାଣ୍ଟିନକୁ ଯାଇଥିଲାବେଳେ ହଠାତ୍ ବେହୋସ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ପକ୍ଷାଘାତର ଶିକାର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୪ ତାରିଖ ରାତି ୮ଟା ୨୫ମିନିଟ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମଣଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସିଆଇଏସ୍‌ଏଫ୍ ଅଧିକାରୀ ରଞ୍ଜନ କୁମାର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲକ୍ଷ୍ମଣଙ୍କ ମରଶରୀରକୁ ଅଧିକାରୀମାନେ ସ୍ୟାଲୁଟ କରିବା ସହିତ ତାଙ୍କ ବାପାଙ୍କୁ ଜାତୀୟ ପତାକା ପ୍ରଦାନ କରିଥିଲେ। ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତେବେ ଅଧିକାରୀ ସାହୁ ଏଠାରେ ୩ ଦିନ ରହି ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହିତ ଲକ୍ଷ୍ମଣଙ୍କ ପରିବାର କିପରି ସରକାରୀ ସହାୟତା ପାଇ ପାରିବେ ସେ ନେଇ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି।

# ସାମାଜିକ ନେତୃତ୍ୱ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଝାରପୋଖରିଆ,୨୬।୨(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ବିଶ୍ୱ ହିନ୍ଦୁ ପରିଷଦର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସାମାଜିକ ସଦ୍‌ଭାବନା କାର୍ଯ୍ୟ ଓଡ଼ିଶା ପୂର୍ବ ସଂଗଠନ ଆନୁକୂଲ୍ୟରେ ଗୁରୁବାର ସାରସକଣା ଜଗନ୍ନାଥ ମନ୍ଦିର ପରିସରରେ ସାମାଜିକ ନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାରସକଣା ଖଣ୍ଡ ସାମାଜିକ ସଦ୍‌ଭାବନା ସଂଯୋଜକ ଡ. ସରୋଜ କୁମାର ନାୟକଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ବିଭାଗ ପ୍ରଚାରକ ପୁରୀ ଜିଲା ଅସ୍ତରଙ୍ଗର ତପନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ସଦ୍‌ଭାବନା ସଂଯୋଜକ ବିଶ୍ୱେଶ୍ୱର ଦ୍ୱିବେଦୀ, ସାରସକଣା ଖଣ୍ଡ ସଂଘ ପରିଚାଳକ ଜ୍ୟୋର୍ତିମୟୀ ମହାନ୍ତ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବସା, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ସମ୍ପାଦକ ଜଗନ୍ନାଥ ସାହୁ, ସାମାଜିକ କର୍ମୀ ଅଶୋକ କୁମାର ପୃଷ୍ଟି, ସାରସକଣା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୋମନାଥ ସୋରେନ, ସାମାଜିକ ଭାଷା ଅଲଚିକିର ରାମେଶ୍ୱର ମୁର୍ମୁପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଭାରତ ମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ସମ୍ମିଳନୀରେ ବିଭିନ୍ନ ଗ୍ରାମର ସାମାଜିକ ନେତୃତ୍ୱ ମଣ୍ଡଳୀର ସଭ୍ୟା ସଭ୍ୟ ,ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ସମାଜର ୬ ଗ୍ରନ୍ଥାଦୀ ଓ ପ୍ରାଚୀନ ସଭ୍ୟତାର ଚାରି ବେଦର ବାଣୀ ଓ ଇତିହାସ ଉପରେ ବକ୍ତବ୍ୟ ଦେଇଥିଲେ।ଜିଲା ସଦ୍‌ଭାବନା ସଂଯୋଜକ ବିଶ୍ୱେଶ୍ୱର ଦ୍ୱିବେଦୀ ସମ୍ମିଳନୀର ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟାବଳୀ ଉପରେ ବକ୍ତବ୍ୟ ରଖିଥିଲେ।

# ଶିଶୁମାତୃ ମୃତ୍ୟୁହାର ସର୍ବନିମ୍ନ କରିବାକୁ ଗୁରୁତ୍ୱ

ବାରିପଦା,୨୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଜିଲ୍ଲାସ୍ତରୀୟ ଆଶା, ଗାଁକଲ୍ୟାଣ, ଜନ ଆରୋଗ୍ୟ ଏବଂ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ମୟୂରଭଞ୍ଜ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ଉପସ୍ଥିତ ରହି 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲ। ଶିଶୁମାତୃ ମୃତ୍ୟୁହାରକୁ ସର୍ବନିମ୍ନ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଶା ଓ ଗାଁ କଲ୍ୟାଣ ସମିତିର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଜିଲାର ଜଣେ ଶ୍ରେଷ୍ଠ ଆଶା କର୍ମୀଙ୍କୁ ୧୦ ହଜାର ଟଙ୍କା ପ୍ରଥମ ପୁରସ୍କାର, ୪ଜଣ ଶ୍ରେଷ୍ଠ ଆଶା କର୍ମୀଙ୍କୁ ଦ୍ୱିତୀୟ ପୁରସ୍କାର ବାବଦରେ ୯ହଜାର ଟଙ୍କା, ତୃତୀୟ ପୁରସ୍କାର ଭାବେ ଜଣେ ଶ୍ରେଷ୍ଠ ଆଶା କର୍ମୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୮ହଜାର ଟଙ୍କା ପ୍ରଦାନ କରାଯିବ। ୨୬ଟି ଗାଁ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କା ଏବଂ ୨୨ଟି ଜନଆରୋଗ୍ୟ ସମିତିର ବ୍ୟାଙ୍କ ଆକାଉଣ୍ଟକୁ ୧୩ହଜାର ଟଙ୍କା ଦିଆଯାଇଛି। ସେହିପରି 'ଶ୍ରେଷ୍ଠ ଆଶା ପୁରସ୍କାର, ସୁସ୍ଥ ଗାଁ ପୁରସ୍କାର, ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତି ପୁରସ୍କାର ବିତରଣ କରାଯାଇଥିଲା। ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରୀକା ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ଶାନ୍ତନୁ କୁମାର ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡା. ବି.କେ ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଚନ୍ଦ୍ର ନାୟକ, ଜିଲା କାର୍ଯ୍ୟକ୍ରମ ପରିଚାଳକ (ଏନ୍‌ଏଚ୍‌ଏମ୍) ଅନିଲ କୁମାର ମହାନ୍ତି, ଶ୍ରୀରାମ ମହାନ୍ତି, ଅଜିତ କୁମାର କୁଅଁର, ସ୍ୱର୍ଣ୍ଣଲୀକା ମହାନ୍ତି, କହ୍ନେଇ ନାୟକ, ଧନୁରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଜିଲାର ସମସ୍ତ ଆଶା, ଗାଁ କଲ୍ୟାଣ ସମିତି(ଅଙ୍ଗନୱାଡି ୱାର୍କର, ୱାର୍ଡ ମେମ୍ବର), ଜନ ଆରୋଗ୍ୟ ସମିତିର ସଦସ୍ୟବୃନ୍ଦ ଓ ସରପଞ୍ଚ ଯୋଗ ଦେଇଥିଲେ।




ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ହେମକାନ୍ତ ସୟ ଓ ଅନ୍ୟମାନେ।

# ଘରେ ପଶି ସୁନା ଗହଣା ଲୁଟ୍

ବୈଶିଙ୍ଗା,୨୬।୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନାଠାରୁ ୧ କି.ମି. ଦୂର ବାରିପଦା-ବାଲେଶ୍ୱର ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଇନ୍ଦ୍ରମଣି ମହାପାତ୍ରଙ୍କ ଘରେ ଗୁରୁବାର ସ୍ୱଷ୍ଟ ଦିବାଲୋକରେ ଡକାୟତି ହୋଇଛି।

ସୂଚନା ଅନୁଯାୟୀ, ଇନ୍ଦ୍ରମଣି ଓ ତାଙ୍କ ସ୍ତ୍ରୀ ପୂର୍ବାହ୍ନ ୧୧ଟା ସମୟରେ ଘରେ ଚାବି ପକାଇ ଏକ ଶୁଦ୍ଧି କ୍ରିୟା କାମରେ ଯୋଗଦେବାକୁ ଯାଇଥିଲେ। ଅପରାହ୍ନ ୩ଟା ସମୟରେ ଘରେ ପହଞ୍ଚି ମୁଖ୍ୟଦ୍ୱାର କବାଟ ଭଙ୍ଗାରୁଜା ହୋଇଥିଲା ଏବଂ ଭିତରେ ଜିନିଷପତ୍ର ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିବା ଦେଖିଥିଲେ। ଲୁହା ଆଲମିରା ଭଙ୍ଗା ଯାଇ ସୁନାଗହଣା ମଧ କେହି ଲୁଟି ନେଇଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଖବରପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ସରୋଜକୁମାର ଜେନାଙ୍କ ସହ ଏଏସ୍‌ଆଇ ପ୍ରଦୀପ କୁମାର ଦେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରିପଦା,୨୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ମଧୁବନସ୍ଥିତ ମା' ଭୈରବୀ ମନ୍ଦିର ପରିସରରେ ନବନିର୍ମିତ ନବଗ୍ରହ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ମା' ଭୈରବୀ ଟେମ୍ପୁଲ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ଅପରାହ୍ନରେ ଅଧିବାସ ପରେ ଗୁରୁବାର ସକାଳୁ କଳସ ଯାତ୍ରା, କୁଣ୍ଡ ସଂସ୍କାର ଓ ଅଗ୍ନି ଆଚ୍ଛାଦନ କାର୍ଯ୍ୟ ଆରମ୍ଭ ହୋଇଛି। ଶତାଧିକ ମହିଳା ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଘଟୋତ୍ତଳନ କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଶଙ୍ଖ, ହୁଳହୁଳି, ସଂକୀର୍ତ୍ତନ ଓ ହରିବୋଲ ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ନବଗ୍ରହଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଜିଲାରେ ସର୍ବପ୍ରଥମ ନବଗ୍ରହ ମନ୍ଦିର ପ୍ରତିଷ୍ଠା ହେଉଥିବାରୁ ଭିଡ଼ ପରିଲକ୍ଷିତ ହୋଇଛି । ସୁସଜ୍ଜିତ ଆଲୋକମାଳା ଓ ଆଧାତ୍ମିକ ପରିବେଶରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଛି। ଏହି ଉତ୍ସବ ୪ଦିନ ଧରି ଚାଲିବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଜିଲାସ୍ତରୀୟ ନିଯୁକ୍ତି ମେଳା

ରାଇରଙ୍ଗପୁର,୨୬।୨(ମାନସ ମହାନ୍ତି)

ରାଇରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ ନିକଟସ୍ଥ କଲେଜ ପଡ଼ିଆ ପରିସରଠାରେ ଗୁରୁବାର ମୟୂରଭଞ୍ଜ ଜିଲା ପ୍ରଶାସନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ସହଯୋଗରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଆଶିଷ କୁମାର ସନ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌ପି ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କଟକ ସ୍ଥିତ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ପି. ସି. ପ୍ରସନ୍ନା ପ୍ରମୁଖ ଯୋଗଦେଇ ଜିଲାର ବେକାର ଶିକ୍ଷିତ ଯୁବତୀ ଏବଂ ଯୁବକମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ତାହାହିଁ ସରକାରଙ୍କ ମୂଳଲକ୍ଷ୍ୟ ବୋଲି କହିଥିଲେ। ନିଯୁକ୍ତି ମେଳାରେ ରାଜ୍ୟ ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ୬୧ଟି ଅନୁଷ୍ଠାନରେ ମୋଟ ୧୯୬୧ ଜଣ ଶିକ୍ଷିତ ଯୁବତୀ ଏବଂ ଯୁବକ ପଞ୍ଜୀକରଣ କରିଥିଲେ। ୧୦୨୩ ଜଣ ଯୁବତୀ ଏବଂ ଯୁବକଙ୍କୁ ବିଭିନ୍ନ ବର୍ଗରେ ପ୍ଲେସମେଣ୍ଟ ସକାଶେ ଚୟନ କରାଯାଇଥିଲା। ୭୭୪ ଜଣଙ୍କୁ ନିଯୁକ୍ତି ସକାଶେ ଅନୁଷ୍ଠାନରେ ତାଲିମ ପ୍ରଦାନ ଏବଂ ୧୪୩ ଜଣକୁ ସେନା ବାହିନୀ ଅଗ୍ନି ଯୋଜନାରେ ତାଲିମ ସକାଶେ ପଞ୍ଜୀକୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

# ପିଲାଚୋରି ଘଟଣାରେ ମହିଳା ଅଟକ

ଠାକୁରମୁଣ୍ଡା,୨୬।୨(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାରେ ଏବେ ପିଲା ଚୋର ଆତଙ୍କ ଦେଖା ଦେଇଥିବାବେଳେ ଠାକୁରମୁଣ୍ଡା ବ୍ଲକ୍‌ର ମହୁଲଡିହା ଥାନା ଅଞ୍ଚଳରେ ଗ୍ରାମବାସୀ ଏକ ଶିଶୁ କନ୍ୟା ସହିତ ଜଣେ ମହିଳାଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ମହିଳାଙ୍କ ନିକଟରୁ ଉଦ୍ଧାର ହୋଇଥିବା ଶିଶୁ କନ୍ୟାଙ୍କ ଚିହ୍ନଟ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ସୋମବାର ଚମ୍ପାଝର ପଞ୍ଚାୟତ ସୁଦର୍ଶନପୁର ଗ୍ରାମର ସଲମା ହାଁସଦାଙ୍କ ଘରେ ଧରାପଡ଼ିଥିବା ମହିଳା ଜଣକ ରାତିରେ ରହିଥିଲେ। ପରବର୍ତ୍ତୀ ଦିନ ସେ କେଉଁଆଡ଼େ ଚାଲିଯାଇଥିଲେ। ଗୁରୁବାର ସକାଳେ ସେ ତିନି ବର୍ଷର ଜଣେ ଶିଶୁକନ୍ୟାଙ୍କୁ ନେଇ ପୁନର୍ବାର ଆସିଥିଲେ। ସଲମା ଓ ଗ୍ରାମବାସୀ ଶିଶୁକନ୍ୟା ଜଣକ କାହାର ବୋଲି ପଚାରିବାରୁ ମହିଳା ଜଣକ ସ୍ୱଷ୍ଟ ଉତ୍ତର ଦେଇପାରି ନ ଥିଲେ। ଏ ନେଇ ସନ୍ଦେହ ହେବାରୁ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳା ଓ ଶିଶୁକନ୍ୟାଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲା। ଇତି ମଧ୍ୟରେ ଚମ୍ପାଝର ଗ୍ରାମର ତ୍ରିନାଥ ହୋଙ୍କ ୩ ବର୍ଷର ଶିଶୁକନ୍ୟା ସକାଳୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା। ଖବର ପାଇ ସେ ଥାନାରେ ପହଞ୍ଚି ଶିଶୁକନ୍ୟାଙ୍କୁ ନିଜ ଝିଅ ସନ୍ଧ୍ୟାରାଣୀ ବୋଲି ଚିହ୍ନଟ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ଯେ ଅଟକ ମହିଳା ଜଣକଙ୍କ ଘର କପ୍ତିପଦା ଥାନା ଅନ୍ତର୍ଗତ ପେଟାସାଲ ଗ୍ରାମରେ। ସେ ରାଜରାମ ଟୁଡୁଙ୍କ ଝିଅ ଦୁଲାରୀ ହାଁସଦା। ସେ ପ୍ରଥମେ ଚମ୍ପାଝର ଗ୍ରାମର ତ୍ରିନାଥ ହୋଙ୍କ ଘରେ ରହୁଥିଲେ। ଗୋଟିଏ ଦିନ ପରେ ସେ ସେଠାରୁ ସେ ସୁଦର୍ଶନପୁର ଗ୍ରାମକୁ ଆସି ସଲମାଙ୍କ ଘରେ ଗୋଟିଏ ଦିନ ରହି ପୁଣି ପ୍ରଥମେ ରହିଥିବା ଚମ୍ପାଝର ଗ୍ରାମକୁ ଯାଇଥିଲେ। ଗୁରବାର ସକାଳେ ପରିବାର ଲୋକଙ୍କ ଅଜାଣତରେ ତାଙ୍କ ଶିଶୁ କନ୍ୟାକୁ ଧରି ସୁଦର୍ଶନପୁର ଗ୍ରାମକୁ ଯାଇଥିଲେ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ପାଣି ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ଗୋପବନ୍ଧୁ ନଗର,୨୬।୨(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ୯ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହାର ପ୍ରତିବାଦରେ ଗୁରୁବାର ୱାର୍ଡର ଶତାଧିକ ଜନ ସାଧାରଣ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ସକାଳ ୯ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଥିଲା।

୯ ନଂ. ୱାର୍ଡରେ ୩୦ରୁ ଅଧିକ ପରିବାର ରହିଛନ୍ତି। ପଞ୍ଚାୟତ ପକ୍ଷରୁ ଦୀର୍ଘ ଦିନ ଧରି ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ଏହି ୱାର୍ଡର ବାସିନ୍ଦା ୨ ମାସ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏ ସମ୍ପର୍କରେ ଲୋକେ ବିଡିଓ ଏବଂ ସରପଞ୍ଚଙ୍କୁ ଜଣାଇଥିଲେ। ମାତ୍ର ଏ ଦିଗରେ ସମସ୍ୟାର କୌଣସି ସମାଧାନ ନ ହେବାରୁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବାକୁ ନିଷ୍ପତ୍ତି ନେଇ ଆନ୍ଦୋଳନକୁ ଓହ୍ଲାଇ ଥିବା କହିଛନ୍ତି। ଖବରପାଇ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଓ ସରପଞ୍ଚ ଭୋଳାନାଥ ସିଂ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଲୋକେ ଜିଦରେ ଅଟଳ ରହିଥିଲେ। ତେବେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇ ଯିବ ବୋଲି ବିଡିଓଙ୍କଠାରୁ ଫୋନ ଯୋଗେ ପ୍ରତିଶ୍ରୁତି ପାଇବାପରେ ପଞ୍ଚାୟତ କାର୍ଯ୍ୟାଳରୁ ତାଲା ଫିଟିଥିଲା।




ପଞ୍ଚାୟତ କାର୍ଯ୍ୟାଳୟ ଗେଟରେ ତାଲା ପକାଇଥିବା ଗ୍ରାମବାସୀ।

# ଶାସକ ଦଳ ନେତାଙ୍କୁ ଭଞ୍ଜସେନାର ଦାବିପତ୍ର

## ମୟୂରଭଞ୍ଜର ଦାବି ସଂସଦ ଓ ବିଧାନସଭାରେ ଉପସ୍ଥାପନ ପାଇଁ ଅନୁରୋଧ

ବାରିପଦା,୨୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବିକାଶ ନେଇ ଅଣ-ରାଜନୈତିକ ଛାତ୍ର ସଂଗଠନ ଭଞ୍ଜସେନା ଦୀର୍ଘ ୨୮ ବର୍ଷ ହେଲା ସ୍ୱର ଉଠାଇ ଆସିଛି। ସଂଗଠନ ପକ୍ଷରୁ ବର୍ତ୍ତମାନ ଶାସକ ଦଳର ଏମ୍‌ପି ଓ ବିଧାୟକମାନଙ୍କୁ ଏକ ଖୋଲା ପତ୍ର ମାଧ୍ୟମରେ ବେକାରୀ ସମସ୍ୟା, ପର୍ଯ୍ୟଟନ ବିକାଶ, ଶିମିଳିପାଳର ସୁରକ୍ଷା ଓ ହସ୍ତଶିଳ୍ପ-ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ପତ୍ର ପ୍ରଦାନ କରାଯାଇଛି। ଚଳିତ ସଂସଦ ଓ ବିଧାନସଭା ଅଧିବେଶନରେ ଜିଲାର ସମସ୍ୟା ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି।

ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ଜିଲାରେ ବେକାରୀ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଶିକ୍ଷିତ ଯୁବତୀ ଯୁବକ ହତାଶ ହୋଇ ଦାଦନ ଖଟିବାକୁ ବାଧ ହେଉଛନ୍ତି, ଯାହା ଅନେକ ଅତ୍ୟାଚାର ଓ ମୃତ୍ୟୁର କାରଣ ହେଉଛି। ଜିଲାର ୫୦%ରୁ ଅଧିକ ଲୋକ ଚାଷ, ବନ୍ୟଜାତ ଦ୍ରବ୍ୟ ଓ ହସ୍ତଶିଳ୍ପ ଉପରେ ନିର୍ଭର କରୁଥିବା ସତ୍ତ୍ୱେ ଉଚିତ ବଜାର ଓ ବ୍ୟବସାୟୀକରଣ ଅଭାବରୁ ଦୁର୍ଦ୍ଦଶାରେ ଭୋଗୁଛନ୍ତି। ଏଣୁ ଜାତୀୟ ଉଦ୍ୟାନ ଶିମିପାଳର ସୁରକ୍ଷା ପାଇଁ ବାଘ ଓ ଅନ୍ୟ ଜୀବଜନ୍ତୁ ଶିକାର, ମୂଲ୍ୟବାନ ବୃକ୍ଷ କଟା, ଅଫିମ ଓ ଗଞ୍ଜେଇ ଚାଷ ଏବଂ ଚୋରା ପଥର ଚାଲାଣ ବନ୍ଦ କରି ଶକ୍ତ ସୁରକ୍ଷା ଯୋଜନା ସହ କେନ୍ଦ୍ରର 'ଦର୍ଶନ-୨' ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି । ଫଳରେ ପର୍ଯ୍ୟଟନ ବିକାଶ ସମ୍ଭବ ହେବ। ଶିମିଳିପାଳ ଓ ଅନ୍ୟ ପ୍ରାକୃତିକ ଐତିହ୍ୟ ସ୍ଥଳୀରେ ଉନ୍ନତ ପରିବେଶ, ଶୌଚାଳୟ, ବିଶ୍ରାମ କକ୍ଷ, ସ୍ଥାନୀୟ ଖାଦ୍ୟ ଓ କଳା ଗ୍ୟାଲେରୀ ବ୍ୟବସ୍ଥା କରି ସ୍ଥାନୀୟ ଯୁବକଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ସେହିପରି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇ କେସନା ଗ୍ରାମକୁ ଶିଳ୍ପୀ ଗ୍ରାମ ମାନ୍ୟତା ଦିଆଗଲେ, କଳା ମୁଗୁନି ପଥରର ହସ୍ତକଳାର ଜାତୀୟ-ଆନ୍ତର୍ଜାତୀୟ ବଜାରରେ ପ୍ରଚାର ହୋଇପାରିବ। ସେହିପରି ବନ୍ୟଜାତ ଦ୍ରବ୍ୟର ବ୍ୟବସାୟୀକରଣ ଦ୍ୱାରା ଶାଳପତ୍ର, ବାଉଁଶ, ମହୁଲ, ସବାଇ ଘାସ ଆଦିରୁ କୁଟୀର ଶିଳ୍ପ ପ୍ରୋତ୍ସାହନ, ଟସର ବୟନ, ଢୋକ୍ରା ଶିଳ୍ପ ଓ ଆଦିବାସୀ ପୋଷାକର ବଜାର ବ୍ୟବସ୍ଥା, ନୂତନ ଉଦ୍ୟୋଗ ସ୍ଥାପନ ଦ୍ୱାରା ଜିଲାରେ ମଧ୍ୟମ ଧରଣର ସରକାରୀ ଉଦ୍ୟୋଗ ଘୋଷଣା କରି ରୋଜଗାର ସୃଷ୍ଟି ସମ୍ଭବ। ଭଞ୍ଜସେନା ପକ୍ଷରୁ କୁହାଯାଇଛି ଯେ, ଗତ ନିର୍ବାଚନରେ ଜିଲାର ସମସ୍ତ ଏମ୍‌ପି ଓ ବିଧାୟକ ଭାବେ ଭାଜପା ଦଳର ପ୍ରାର୍ଥୀଙ୍କୁ ଜନତା ଐତିହାସିକ ବିଜୟ ଦେଇଥିଲେ ମଧ ବିଗତ ୨ ବର୍ଷରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ସଂଗଠନ ପକ୍ଷରୁ ବିଧାନସଭା ଓ ସଂସଦ ଅଧିବେଶନରେ ଏହି ଦାବିଗୁଡ଼ିକୁ ଦୃଢ଼ଭାବେ ଉପସ୍ଥାପନ କରିବାକୁ ନିର୍ବାଚିତ ପ୍ରତିନିଧିଙ୍କୁ ନିବେଦନ କରାଯାଇଛି।

# କାର୍ଯ୍ୟକ୍ଷମ ହେଉନି ୪ ଓଭରହେଡ୍ ପାଣିଟାଙ୍କି

**ଦିଗହରା ବସୁଧା ଯୋଜନା**

**ପାଇପ୍ ପାଣି ପାଇପାରୁନାହାନ୍ତି ୧୩ ୱାର୍ଡର ଲୋକେ**

ବାସୁଦେବପୁର,୨୬।୨
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତର ୧୩ ୱାର୍ଡର ଜନସାଧାରଣଙ୍କ ପାଇଁ ବସୁଧା ଯୋଜନାରେ ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବାର ବ୍ୟବସ୍ଥା ଏବେ ଅପହଞ୍ଚ ହୋଇଛି। ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ କରାଯାଇଥିବା ୪ଟି ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ୧୩ ୱାର୍ଡର ଲୋକେ ପାଇପ୍ ଯୋଗେ ପାଣି ପାଇପାରୁନାହାନ୍ତି।

୨୦୧୮-୧୯ରେ ପଞ୍ଚାୟତର ମା' ଆଙ୍କୁଡ଼େଶ୍ୱରୀ ପଡ଼ିଆ, ଗମେଇ ନଦୀ ଘାଟ ପାଖ, ବେଲସାଉଁଳିଆ ଓ ବାଗଦା ଗାଁରେ ୪ଟି ଓଭରହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇବର୍ଷ ପରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସେଥିରୁ ପାଣି ଟୋପାଏ ମିଳୁନାହିଁ। ଆଙ୍କୁଡ଼େଶ୍ୱରୀ ପଡ଼ିଆରେ ଥିବା ପାଣିଟାଙ୍କି ଅସ୍ଥାୟୀ ଭାବେ ମାତ୍ର ଅଳ୍ପ କିଛିଦିନ ପାଇଁ ପରୀକ୍ଷାମୂଳକ ଭାବେ ଚାଲୁ କରାଯିବା ପରେ ବନ୍ଦ ରଖାଯାଇଛି। ସେହିପରି ଅନ୍ୟ ୩ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏହାର ସୁଫଳ ମିଳିପାରୁ ନାହିଁ। ପାଇପ୍ ଯୋଗେ ପାନୀୟ ଜଳ ଏହି ପଞ୍ଚାୟତ ପାଇଁ ସାତସପନ ପାଲଟିଛି। ଖରାଦିନ ଆସିଲେ ପାନୀୟ ଜଳ ଟୋପେ ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡ଼ିଥାଏ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାବେଳେ ପାଣିଟାଙ୍କି କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାଣିଟାଙ୍କିର ନିର୍ମାଣ ମଧ୍ୟ ଅତି ନିମ୍ନମାନର ହୋଇଥିବାରୁ କାର୍ଯ୍ୟକ୍ଷମ ପୂର୍ବରୁ ଏହା ମରାମତି ଖୋଜିଲାଣି ବୋଲି ପଞ୍ଚାୟତର ଦୈତାରୀ ମଲ୍ଲିକ ଅଭିଯୋଗ କରିଛନ୍ତି। ଗ୍ରାମର ରମେଶ ଚନ୍ଦ୍ର ବାରିକ ଓ ରମେଶ ଚନ୍ଦ୍ର ଦାସ କହନ୍ତି, ପୂର୍ବ ସରକାରଙ୍କର ବସୁଧା ଯୋଜନା ପାନୀୟ ଜଳ ଯୋଗାଣ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିବାବେଳେ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ନ ହେବା ପରିତାପର ବିଷୟ। ସମ୍ପୃକ୍ତ ଠିକାଦାର ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପାଣିଟାଙ୍କିଗୁଡ଼ିକ କାର୍ଯ୍ୟକାରୀ କରାଇଲେ ଲୋକେ ଉପକୃତ ହେବେ ବୋଲି ସେମାନେ କହିଛନ୍ତି।


ବିନାୟକପୁର ଆଙ୍କୁଡ଼େଶ୍ୱରୀ ପଡ଼ିଆରେ ନିର୍ମିତ ଓଭରହେଡ୍ ପାଣିଟାଙ୍କି।

ପାଣି ଟାଙ୍କି ନିର୍ମାଣ ହୋଇଥିବା ସତ୍ତ୍ୱେ ପାନୀୟ ଜଳ ପାଇଁ ପଞ୍ଚାୟତବାସୀ ହଇରାଣ ହେଉଥିବା ଗ୍ରାମର ବିଶେଶ୍ୱର ମିଶ୍ର ପ୍ରକାଶ କରିଥିବା ବେଳେ ଏ ଦିଗରେ ସରକାର ଓ ବିଭାଗ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ସୁବ୍ରତ କୁମାର ପାଢ଼ୀ କହିଛନ୍ତି, ଖୁବ୍‌ଶୀଘ୍ର ଏହି ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ। ଗମେଇ ନଦୀ ଘାଟ ଓ ବେଲସାଉଁଳିଆଠାରେ ନିର୍ମାଣ ହୋଇଥିବା ପାଣିଟାଙ୍କିକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଜଳ ଯୋଗାଣରେ ବିଳମ୍ବ ହୋଇଛି। ତେବେ ୨ ଟାଙ୍କିକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ସରିଲେ ପାନୀୟ ଜଳ ଯୋଗାଇ ଦିଆଯିବ। ଖୁବ୍‌ଶୀଘ୍ର ୩ଟି ପାଣିଟାଙ୍କି କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ଧାମରାରେ ନିର୍ମାଣ ହେବ ଜାହାଜ କାରଖାନା

■ବିନିଯୋଗ ହେବ ୩୩୯ କୋଟି ଟଙ୍କା

■ନିଯୁକ୍ତି ସୁଯୋଗ ପାଇବେ ଜିଲାର ବେକାର ଯୁବତୀ ଯୁବକ

ଭଦ୍ରକ,୨୬।୨(ସନାତନ ରାଉତ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରାରେ ଜାହାଜ ନିର୍ମାଣ ଓ ମରାମତି କାରଖାନା ପ୍ରତିଷ୍ଠା ହେବ। ଫଳରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ଉଜ୍ଜୀବିତ ହୋଇଛି। ନିକଟରେ ରାଜ୍ୟ ସରକାର ୨୩ଟି ଶିଳ୍ପ ପାଇଁ ୪୧୧୧ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସେଥିମଧ୍ୟରେ ଧାମରାର ଜାହାଜ ନିର୍ମାଣ କାରଖାନା ରହିଥିବା ଜଣାପଡ଼ିଛି। ଏହି କାରଖାନା ପାଇଁ ୩୩୯ କୋଟି ଟଙ୍କା ବିନିଯୋଗ ହେବ ବୋଲି ନିଷ୍ପତ୍ତି ହୋଇଛି। ଧାମରାର ଚରଦିଆଠାରେ ୫୦୦ ଏକର ପରିମିତ ଜମିରେ ଏହି କାରଖାନା ପ୍ରତିଷ୍ଠା ହେବ ବୋଲି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଚରଦିଆ ମୌଜା ଓ ଏହାର ଆଖପାଖ ଗ୍ରାମରୁ ଜମି ଚିହ୍ନଟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଏହି ଜମି ଚିହ୍ନଟ ଓ ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ କହିଛନ୍ତି। ଏହି କାରଖାନା ପ୍ରତିଷ୍ଠା ହେଲେ ୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଧାମରା ସମେତ ଭଦ୍ରକ ଜିଲାରୁ ଅଧିକାଂଶ ବେକାର ଯୁବତୀ ଯୁବକ ଏହି କାରଖାନାରେ ନିଯୁକ୍ତି ସୁଯୋଗ ପାଇବେ। ଧାମରା ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ଏହା ଏକ ଶିଳ୍ପ ସହର ଭାବେ ପରିଗଣିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେବେ ଏହା କେବେ କାର୍ଯ୍ୟକାରୀ ହେବ ଏବଂ ଏହାର ପ୍ରକ୍ରିୟା ଆରମ୍ଭ ହେବ, ତାହାକୁ ଜିଲାବାସୀ ଅପେକ୍ଷା କରିଛନ୍ତି।

# ଭଦ୍ରକ ଏମ୍‌ପି ହେଲେ ଭାରତ ନେପାଳ ସଂସଦୀୟ କ୍ଷେତ୍ରର ମିତ୍ର ଗୋଷ୍ଠୀ ସଦସ୍ୟ


ଅଭିମନ୍ୟୁ ସେଠୀ।

ଭଦ୍ରକ,୨୬।୨(ସନାତନ ରାଉତ)

ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ଭାରତ ନେପାଳ ସଂସଦୀୟ କ୍ଷେତ୍ରର ମିତ୍ର ଗୋଷ୍ଠୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପାର୍ଲାମେଣ୍ଟ ଭବନରୁ ଗତ ୨୩ ତାରିଖରେ ଆସିଥିବା ଚିଠିରେ ଲୋକସଭା ବାଚସ୍ପତି ଓମ୍‌ପ୍ରକାଶ ବିର୍ଲା ଏମ୍‌ପି ସେଠୀଙ୍କୁ ମନୋନୀତ କରିଥିବା ଉଲ୍ଲେଖ ରହିଛି। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ, ଭଣ୍ଡାରିପୋଖରୀ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ଯୁବନେତା କିଶୋର କିଙ୍କର ପଡ଼ିଆରୀ ପ୍ରମୁଖ ଏମ୍‌ପିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନବକଳେବର ଉତ୍ସବ


ଉତ୍ସବରେ ଅତିଥିମାନେ ପୁସ୍ତକ 'ଶ୍ରୀଚୈତନ୍ୟ' ଉନ୍ମୋଚନ କରୁଛନ୍ତି।

ଧାମନଗର,୨୬।୨(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଅଧୀନ ଗୌରାଙ୍ଗପୁର ଜୟନ୍ତିରାସ୍ଥିତ ଶ୍ରୀଚୈତନ୍ୟଙ୍କ ମନ୍ଦିର ସମ୍ମୁଖରେ ଶ୍ରୀଚୈତନ୍ୟଙ୍କ ନବକଳେବର ତଥା ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ୫ଦିନ ବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ବରଦା ପ୍ରସନ୍ନ ମହାପାତ୍ର ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ ମହାପାତ୍ର କର୍ତ୍ତା ରହିଛନ୍ତି। ଶତାଧିକ ମହିଳା ଓ ପୁରୁଷଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ବୈତରଣୀ ନଦୀରୁ ଘଟ ଉତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନା କରାଯିବା ସହ ନୂତନ ବିଗ୍ରହ ଯଜ୍ଞ ମଣ୍ଡପରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଯାଜପୁର ଜିଲା ବିରଜା ମଣ୍ଡଳର ପଣ୍ଡିତମାନଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ, ମଣ୍ଡଳାଦି ପୂଜା, ଗୋପୂଜା, ଅଗ୍ନି ସ୍ଥାପନ ଅନୁଷ୍ଠିତ ହୋଇଥିଲା। ପୁରୁଣା ବିଗ୍ରହକୁ ମନ୍ଦିର ପରିସରରେ ପାତାଳୀ କରାଯାଇଥିଲା।

ଅପରାହ୍ନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ସେବାନିବୃତ୍ତ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ତିହିଡ଼ି ବିଏନ୍‌ଏମ୍‌ଏ କଲେଜର ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବରଦା ପ୍ରସନ୍ନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କବୀର୍ ଓ ନାନକଙ୍କ ପରେ ଶ୍ରୀଚୈତନ୍ୟ ଗୌରାଙ୍ଗ ଭକ୍ତି ଆନ୍ଦୋଳନର ସର୍ବଶେଷ ଓ ସର୍ବଶ୍ରେଷ୍ଠ ପୁରୋଧା ଥିଲେ। ଭକ୍ତି ଓ ପ୍ରେମକୁ ଆୟୁଧ କରି ଭଜନ କୀର୍ତ୍ତନ ମାଧ୍ୟମରେ ସେ ରାଧାକୃଷ୍ଣଙ୍କ ପ୍ରେମର ଜୟ ଗୀତି ଗାଇ ଯାଇଛନ୍ତି। ଶ୍ରୀଚୈତନ୍ୟ ପୁରୀ ଯିବା ବାଟରେ ଗୌରଙ୍ଗପୁରଠାରେ ଏକ ନିମ୍ବ ଗଛକୁ ଆଶ୍ରା କରି ବିଶ୍ରାମ ନେଇଥିବାରୁ ସେଠାରେ ତାଙ୍କ ମୂର୍ତ୍ତି ପୂଜା ପାଇଆସୁଥିଲା। ୫ଶହ ବର୍ଷ ପରେ ଶ୍ରୀଚୈତନ୍ୟଙ୍କ ମୂର୍ତ୍ତିର ନବକଳେବର ଓ ପ୍ରତିଷ୍ଠା ଏ ଅଞ୍ଚଳକୁ ଆଲୋଡ଼ିତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥିମାନେ ପୁସ୍ତକ 'ଶ୍ରୀଚୈତନ୍ୟ' ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୌରଭ ନାୟକ ଓ ସାଥୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟି ସଦସ୍ୟ ସନ୍ତୋଷ ଦାଶ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥାପିକା ରତ୍ନପର୍ଣ୍ଣା ମହାପାତ୍ରଙ୍କ ସଞ୍ଚାଳନାରେ ସଭା ହୋଇଥିଲା। ପ୍ରାରମ୍ଭରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଗୌରାଙ୍ଗପୁରଠାରେ ଗୌରାଙ୍ଗେଶ୍ୱର ଶିବ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଭାଜପାରେ ମିଶିଲେ ନୟାନନ୍ଦର ୨୦ ବିଜେଡି କର୍ମୀ

ତିହିଡ଼ି,୨୬।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଭାଜପା କାନ୍ତକବି ମଣ୍ଡଳର ନୟାନନ୍ଦ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୨୦ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ବୁଧବାର ଏହି କର୍ମୀମାନେ ଭାଜପାରେ ମିଶିଛନ୍ତି। ପଞ୍ଚାୟତର ୱାର୍ଡ ସଦସ୍ୟ ଉମେଶ ବାରିକଙ୍କ ସମେତ ସୁବୋଧ ମିଶ୍ର, ଅକ୍ଷୟ ମହାଳିକ, ପ୍ରତାପ ପୃଷ୍ଟି, ବୀରେନ୍ଦ୍ର ଜେନା, କୃପାସିନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମଲ୍ଲିକ, ଗୟାଧର ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ସଦାନନ୍ଦ ମହାପାତ୍ର, ଶମ୍ଭୁନାଥ ମହାଳିକ, ରବୀନ୍ଦ୍ର ମହାଳିକ, ପୂର୍ଣ୍ଣଚନ୍ଦ୍ର ନନ୍ଦ, ବିଦ୍ୟାଧର ମହାଳିକ, କୁନା ମହାଳିକ, ପରମେଶ୍ୱର ପାଢ଼ୀ ପ୍ରମୁଖ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ସେମାନେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଭାଜପା କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ସରପଞ୍ଚ ନୀହାରିକା ବିଶ୍ୱାଳ, ପୂର୍ବତନ ସଭାପତି ତପନ ପାଢ଼ୀ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବରିଷ୍ଠ ନେତା ଭରତ ଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀ ଓ କର୍ମଚାରୀମାନେ।

ଭଦ୍ରକ,୨୬।୨(ସନାତନ ରାଉତ)

ଭଦ୍ରକ ଜିଲାରେ ଜନଗଣନା ପାଇଁ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଭଦ୍ରକ ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନଗଣନାରେ ନିୟୋଜିତ ଅଧିକାରୀ, କାର୍ଯ୍ୟାଳୟ କର୍ମଚାରୀ ଏବଂ ଅସ୍ଥାୟୀ ପ୍ରାଯୁକ୍ତିକ ସହାୟକମାନେ ଯୋଗ ଦେଇଛନ୍ତି। ଜନଗଣନା କାର୍ଯ୍ୟରେ ନିଜ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜନଗଣନା କାର୍ଯ୍ୟର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ପ୍ରଣାଳୀ, ଘର ତାଲିକା ଓ ଗୃହ ଗଣନା ସମ୍ପର୍କରେ ଆଲୋଚନା କରାଯାଇଛି। ଅଂଶଗ୍ରହଣକାରୀମାନଙ୍କୁ ଜନଗଣନା ସମୟରେ ପଚରାଯିବାକୁ ଥିବା ପ୍ରଶ୍ନଗୁଡ଼ିକ ବିଷୟରେ ଅବଗତ କରାଯାଇଛି। ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ମାଧ୍ୟମରେ କରାଯିବାକୁ ଥିବାବେଳେ ବୈଷୟିକ ଜ୍ଞାନକୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ଜିଲା ଜନଗଣନା ଅଧିକାରୀ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ଆଲୋଚନା କରିଥିଲେ। ଆଗାମୀ ଜନଗଣନା କାର୍ଯ୍ୟକୁ ସୂଚାରୁ ରୂପେ କରିବା ପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୭ରୁ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଭଣ୍ଡାରିପୋଖରୀ,୨୬।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବଜାର ଉପକଣ୍ଠ ଚନ୍ଦ୍ରଭାନୁପୁର ମହାଦେବ କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୮ମ ସଂସ୍କରଣ ଆସନ୍ତା ୭ ତାରିଖରୁ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ କେନ୍ଦୁଝର ଫେମସ୍ ଦଳ ଓ ଭଦ୍ରକ ୟୁନିକ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ୮ରେ ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଂ ଏକାଦଶ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ, ୯ରେ ଭୁବନେଶ୍ୱର ଆଦିତ୍ୟ ଏକାଦଶ ଓ କଟକ ରାଇଜିଂ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଏବଂ ୧୦ରେ କଟକ ୟୁନିଅନ ସ୍ପୋର୍ଟିଂ ଓ ଯାଜପୁର ୧୧ ଷ୍ଟାର୍ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୧୧ ଓ ୧୨ ତାରିଖରେ ପ୍ରଥମ, ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇ ୧୩ରେ ଫାଇନାଲ ମ୍ୟାଚ୍ ହେବ ବୋଲି ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ପକ୍ଷରୁ ସଭାପତି ପ୍ରଶାନ୍ତ ସାହୁ ସୂଚନା ଦେଇଛନ୍ତି।

# ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର, ଆକ୍ରମଣ

**କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ଶତାଧିକ ମହିଳା**


କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାମାନେ ତିହିଡ଼ି ଥାନା ଆଗରେ ବସିଛନ୍ତି।

ତିହିଡ଼ି,୨୬।୨(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ତରାଶୁଣୀ ଗ୍ରାମର ଜଣେ ମହିଳା ଓ ତାଙ୍କ ପୁଅ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଚାଲିଥିବା ବେଳେ ମହିଳା ଏବଂ ତାଙ୍କ ପୁଅ ଏହି ଘଟଣା ଘଟାଇଥିବା ଦର୍ଶାଯାଇଛି। ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଶତାଧିକ ମହିଳା ସନ୍ଧ୍ୟାରେ ଥାନାରେ ପହଞ୍ଚି ମହିଳା ଓ ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ମା' ଓ ପୁଅଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମରେ ବୁଧବାର ଆରମ୍ଭ ହୋଇଥିବା ନାମ ସଂକୀର୍ତ୍ତନ ଗୁରୁବାର ମଧ୍ୟାହ୍ନରେ ସରିବା ପୂର୍ବରୁ ଦଧି ଖେଳ ହୋଇଥିଲା। ଖେଳ ସମୟରେ ଦାଣ୍ଡରେ ପାଣି ଢଳାଯିବାକୁ ଜଣେ ମହିଳା ଓ ତାଙ୍କ ପୁଅ ବିରୋଧ କରି ଗାଳିଗୁଲଜ କରିଥିଲେ। କେତେଜଣ ଗ୍ରାମବାସୀଙ୍କୁ ସେମାନେ ଆକ୍ରମଣ ମଧ୍ୟ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଅବସରପ୍ରାପ୍ତ ସିଡିଏମ୍‌ଓଙ୍କ ପରଲୋକ

ବାସୁଦେବପୁର,୨୬।୨(ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତ ବଛିପୁର ଗ୍ରାମର ବୟୋଜ୍ୟେଷ୍ଠ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ସୁରେନ୍ଦ୍ର କୁମାର ପଣ୍ଡା(୮୦)ଙ୍କର ବୁଧବାର ରାତିରେ ବାଲେଶ୍ୱରଠାରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ତାଙ୍କ ପୁଅଙ୍କ ପାଖରେ ବାଲେଶ୍ୱରରେ ରହୁଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ସଫଳ ଚିକିତ୍ସକ ଭାବେ ତାଙ୍କର ସୁନାମ ଥିଲା। ନାଗାଲାଣ୍ଡରେ ଦୀର୍ଘବର୍ଷ ଧରି ସେ ଡାକ୍ତର ଭାବେ କାର୍ଯ୍ୟ କରି ଅବସର ନେବା ପରେ ବାସୁଦେବପୁର ଅଞ୍ଚଳରେ ଲୋକଙ୍କ ଚିକିତ୍ସା କରି ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଏହାବ୍ୟତୀତ ଜଣେ ପରୋପକାରୀ ଓ ଅନୁଷ୍ଠାନପ୍ରେମୀ ଭାବେ ସେ ଜଣାଶୁଣା ଥିଲେ। ଗୁରୁବାର ଅପରାହ୍ନରେ ତାଙ୍କ ମରଶରୀରକୁ ବେତଡ଼ା, ବାସୁଦେବପୁର ବଜାର, ସତ୍‌ସଙ୍ଗ ବିହାର, ଅରଣ୍ଡୁଆ, ଆରୁହା ପଞ୍ଚାୟତ ସମେତ ଆଖପାଖ ଗାଁ ପରିକ୍ରମା କରାଯାଇଥିଲା।

# ଶହୀଦ ବାଟିକାରେ ଭ୍ରାମ୍ୟମାଣ ପାଠାଗାର ଅଭିଯାନ

ବାସୁଦେବପୁର,୨୬।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ପଞ୍ଚାୟତର ଶହୀଦ ବାଟିକାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ଭ୍ରାମ୍ୟମାଣ ପାଠାଗାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର 'ଶିଶୁଶ୍ରୀ' ଭ୍ରାମ୍ୟମାଣ ପାଠାଗାରର ରାଜ୍ୟ ପରିକ୍ରମା କ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ସଂଗ୍ରାହକ ବିକାଶ କୁମାର ଶତପଥୀ, ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ନାଥ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକ ହେଉଛି ଗୁପ୍ତ ଧନର ଚାବିକାଠି ଓ ଅସରନ୍ତି ଆନନ୍ଦ ରୂପକ ବଗିଚାର ଫାଟକଟିଏ। ପୁସ୍ତକ ସହ ବନ୍ଧୁତା ରଖିଥିବା ବ୍ୟକ୍ତି ଜୀବନରେ କେବେ ହାରି ନ ଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପାଠାଗାର ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ଗଳ୍ପ, ଜୀବନୀ, କବିତା ପୁସ୍ତକ ମଧ୍ୟରୁ ଚୟନ କରି ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସାଇବ୍ରତ ପଣ୍ଡା, ଶିବ ସୁନ୍ଦର ବେହେରା ଓ ପ୍ରଯୁକ୍ତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। 'ଶିଶୁଶ୍ରୀ'ର ଆବାହକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ପ୍ରଭାତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଆଲୋକୀକରଣ, ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ

**ସଡ଼କ ସୁରକ୍ଷା କମିଟି ବୈଠକ**

ଭଦ୍ରକ,୨୬।୨(ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବୁଧବାର ସନ୍ଧ୍ୟାରେ ୪୮ତମ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ଦିଗରେ କ'ଣସବୁ ପଦକ୍ଷେପ ନିଆଯାଇପାରିବ, ସେନେଇ ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ରାସ୍ତାର ଦୁରବସ୍ଥା ଓ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ସଭ୍ୟ ଅତିସ ବେହେରା କହିଥିଲେ। ଏହି କ୍ରମରେ ୧୬ ନଂ. ଜାତୀୟ ରାଜପଥର ଭଦ୍ରକରୁ-ବିଷ୍ଣୁପୁର ଓ ଭଣ୍ଡାରିପୋଖରୀ ରାସ୍ତା ଜବରଦଖଲ ଉଚ୍ଛେଦ ନ ହେବାର କାରଣ ସମ୍ପର୍କରେ ତୁରନ୍ତ ତଦନ୍ତ କରିବାକୁ ତହସିଲଦାରଙ୍କ ସହ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗକୁ ଜିଲାପାଳ ଦାୟିତ୍ୱ ଦେଇଛନ୍ତି। ଏଥିସହ ଆର୍‌ଟିଓ ଅଫିସକୁ ରାସ୍ତା ନିର୍ମାଣ, ଡାହାଣୀଗଡ଼ିଆରୁ ନୂଆ ବସ୍‌ଷ୍ଟାଣ୍ଡ, ଜାତୀୟ ରାଜପଥରେ ଆଲୋକୀକରଣ, ଫଳକ ଲଗାଇବା, ବେଆଇନ ଭାବେ ବିନା ହେଲ୍‌ମେଟ, କାଗଜପତ୍ର ନ ଥାଇ ଚାଲୁଥିବା ଗାଡ଼ିରୁ ଜରିମାନା ଆଦାୟ କଡ଼ାକଡ଼ି କରାଯିବାକୁ କମିଟି ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ଆସନ୍ତା ୭ଦିନ ଭିତରେ ଜାତୀୟ ରାଜପଥରେ ଆଲୋକୀକରଣ କରାଯିବାକୁ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ମହତାବ ଛକରୁ ଆରଡ଼ି ଛକ ପର୍ଯ୍ୟନ୍ତ ସବୁ ସମୟରେ ଜମି ରହୁଥିବା ବର୍ଷାଜଳ ନିଷ୍କାସନ ନ ହେବା ନେଇ କମିଟି ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ହେଲ୍‌ମେଟ ପିନ୍ଧି ନ ଥିବା, ମୋବାଇଲ ଧରି ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସ୍କୁଲ ଗାଡ଼ି ଓ ଅଟୋଗୁଡ଼ିକ ଯାଞ୍ଚ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ପିଏମ୍ ରାହତ ଯୋଜନାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ୧.୫ଲକ୍ଷ ଟଙ୍କା ସହାୟତା ୭ଦିନ ଭିତରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ହ୍ୱାଟ୍ସଆପ୍ ଜରିଆରେ ଆମ ରାସ୍ତା ଯୋଜନାର ସମସ୍ତ ତଥ୍ୟ ଆସିବ। ଗତବର୍ଷ ତୁଳନାରେ ଚଳିତବର୍ଷ ଦୁର୍ଘଟଣା ହ୍ରାସ ପାଇଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ କହିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସହ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପଖଣ୍ଡ ସୂଚନା ଅଧିକାରୀ ମଧୁସ୍ମିତା ମହାପାତ୍ର, ବିଭାଗୀୟ ଅଧିକାରୀ ସେକ ରହିମ, କମିଟି ସଭ୍ୟ ରୋଟାରିଆନ ଅତିସ ବେହେରା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ନେଇ ମତ ରଖିଥିଲେ। ବସ୍ ସିଣ୍ଡିକେଟ ସଭାପତି ଶ୍ରୀନିବାସ ପତି, ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା' ବିଶ୍ୱେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ: ବୀଣାଝରି ଚାମ୍ପିୟନ

ପାଟଣା,୨୬।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ସ୍କୁଲ ପଡ଼ିଆରେ ଚାଲିଥିବା ମା' ବିଶେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମା' ତାରିଣୀ ଏକ୍ସ ଆଇ ବୀଣାଝରି ସହ ରାଇଜିଂ ଷ୍ଟାର ଡୁରୁମୁଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡୁରୁମୁଙ୍ଗାକୁ ହରାଇ ବିଣାଝରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବରେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଚାମ୍ପିୟନ ଦଳକୁ ୨୧ ହଜାର ଏବଂ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବରେ ଡୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ସାମାଜିକକର୍ମୀ ପ୍ରଭାତ ସାହୁ, ଅନିଲ ସାହୁ, ବଳଭଦ୍ର ନାଏକ, ଅଯୋଧ୍ୟା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ସୁନିଲ ଦେହୁରୀ ଓ ଭରତ ଚନ୍ଦ୍ର ଦେହୁରୀ ଖେଳ ପରିଚାଳନା କରିଥିବା ବେଳେ ବେଳେ ଭାଷ୍ୟକାର ଅରୁଣ ଧାରା ବିବରଣୀ ପ୍ରଦାନ କରିଥିଲେ। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଶ୍ରୀ ବଳଦେବଜୀଉ ମନ୍ଦିରରେ ଦୋଳପର୍ବ ଆରମ୍ଭ

କେନ୍ଦୁଝର,୨୬।୨(ଦୀପକ ମିଶ୍ର): କେନ୍ଦୁଝରର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ଦୋଳ ପୂଜା କମିଟି ପକ୍ଷରୁ ଦୋଳପର୍ବ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦୋଳ ବିମାନ ସମ୍ମୁଖରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଘୋଡା ନାଚ ଦଳ କୋଣାର୍କରୁ ଆସି ପଟୁଆରରେ ବଡ଼ଦାଣ୍ଡ ପରିକ୍ରମା କରିଥିଲେ। ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାର୍ବଜନୀନ ଦୋଳ ପୂଜା କମିଟିର ସଭାପତି ପ୍ରଭଞ୍ଜନ ପଟ୍ଟନାୟକ, ସମ୍ପାଦକ ସୁରେନ୍ଦ୍ର ଦାଶ, ଉପସଭାପତି ରବୀନ୍ଦ୍ର ରଣସିଂ, କୋଷାଧକ୍ଷ ନବ କିଶୋର ସାହୁ, ଉପଦେଷ୍ଟା ବୀରେନ୍ଦ୍ର ପଟ୍ଟନାୟକ, ଆଇନ ପରାମର୍ଶଦାତା ଅମର ପଟ୍ଟନାୟକ ପରିଚାଳନା କରିଥିଲେ।

### ବିରିଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆନନ୍ଦପୁର,୨୬।୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବିରିଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ ବିନସାଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ କଣ୍ଟିପାଳ ପଞ୍ଚାୟତର ସଭ୍ୟ ଭଗବାନ ବେହେରା, ସାମ୍ମାନିତ ଅତିଥି ବିଦ୍ୟାଳୟର ପୂର୍ବତନ ସଭାପତି ସୁଶାନ୍ତ ସାହୁ, ବର୍ତ୍ତମାନ ବିଦ୍ୟାଳୟର ସଭାପତି ଭୀମସେନ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୫ ଦିନରେ ଥରେ ଆସୁଛି ପାଣି

## ଅପରେଟରଙ୍କୁ ଅଟକ ରଖିଲେ ଲୋକେ

ପାଟଣା,୨୬।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତରେ ନିର୍ମାଣଧୀନ ମେଘା ପାନୀୟ ଜଳ ପ୍ରକଳ୍ପରୁ ଧାନବେଣୀ ଗ୍ରାମର ୭ ଶହରୁ ଊର୍ଦ୍ଧ୍ୱ ଲୋକେ ନିୟମିତ ପାଣି ପାଉନାହାନ୍ତି। ଏ ନେଇ ଗୁରୁବାର ଅପରାହ୍ଣରେ ୨୫ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ପ୍ରକଳ୍ପ ଅପରେଟର ସୁଜିତ ବେହେରାଙ୍କୁ ଅଟକ ରଖିବା ସହ ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କପୁଣ୍ଡି ସରପଞ୍ଚ ଅନିତା କୁସୁମୁଳିଆ ଓ ମେଘା ପାନୀୟ ଜଳ ଯୋଗାଣ ସଂସ୍ଥାର ଯନ୍ତ୍ରୀ ଶ୍ୟାମ କୁମାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରେଟରଙ୍କୁ ଯନ୍ତ୍ରୀ ମୁକୁଳାଇଥିଲେ।

ସୂଚନା ଅନୁଯାୟୀ, ସାହାରପଡ଼ା ବ୍ଲକ୍ କପୁଣ୍ଡି ପଞ୍ଚାୟତ ନିମନ୍ତେ କପୁଣ୍ଡିରେ ମେଘା ପାନୀୟଜଳ ପ୍ରକଳ୍ପ ନିର୍ମାଣଧୀନ ହୋଇଛି। ଏଠାରୁ ଧାନବେଣୀ ଗ୍ରାମର ଉପର, ମଝି ଓ ତଳ ସାହିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାରର ୭ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରକଳ୍ପ ତରଫରୁ ୭୦ରୁ ୮୦ଟି ଟ୍ୟାପ୍ ସଂଯୋଗ ହୋଇଛି। ଉକ୍ତ ଟ୍ୟାପ୍‌ରେ ୧୫ ଦିନରେ ଥରେ ପାଣି ଆସୁଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଅପରେଟରଙ୍କୁ ଅଟକ ରଖିଥିଲେ। ଅନ୍ୟପକ୍ଷେ ଗାଁରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ୧୦ବର୍ଷ ହେବ ଅକାମୀ ହୋଇ ପଡ଼ିଥିବାରୁ ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଆଗକୁ ପାଣି ସମସ୍ୟାର ସମାଧାନ ନ ହେଲେ ଲୋକେ ସାହାରପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଓ ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ନମ୍ବର୍ ଜାତୀୟ ରାଜପଥର ଧାନ ବେଣୀ ନିକଟରେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି। ମେଘା ପ୍ରକଳ୍ପର ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ କପୁଣ୍ଡି ଗ୍ରାମର କେତେକ ଲୋକ ପିଇବା ପାଣିକୁ ୱେଷ୍ଟ କରୁଛନ୍ତି। ଏଥିସହ ଚାଷ ପାଇଁ ବ୍ୟବହାର କରୁଥିବାରୁ ଧାନବେନି ଗ୍ରାମର ଲୋକେ ପାଣି ପାଉନାହାନ୍ତି। ଏ ନେଇ ପାଟଣା ଥାନା, ଆରଡବ୍ଲ୍ୟୁଏସ୍ ଆଣ୍ଡ ଏସ୍ ସାହାରପଡ଼ା ଓ କେନ୍ଦୁଝରଙ୍କୁ ଜଣାଇଥିବା କହିଥିଲେ।


ମହିଳା, ପୁରୁଷ ଅପରେଟରଙ୍କୁ ଅଟକ ରଖିଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ବସ୍‌କୁ ଅପେକ୍ଷା କରୁଛନ୍ତି ଯାତ୍ରୀ

## ମରାମତି ହେଉନି ଚମ୍ପୁଆ ବସ୍‌ଷ୍ଟାଣ୍ଡ ଶୌଚାଳୟ ଟାଙ୍କି ସ୍ଲାବ୍

ଚମ୍ପୁଆ,୨୬।୨(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ବସଷ୍ଟାଣ୍ଡ ଶୌଚାଳୟ ଟାଙ୍କିର ସ୍ଲାବ୍ ସଜନା ଯାଉ ନ ଥିବାରୁ ପରିସର ପୁତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଉପଖଣ୍ଡ ମୁଖ୍ୟାଳୟରେ ଅବସ୍ଥିତ ଏହି ବସ୍‌ଷ୍ଟାଣ୍ଡରେ ରାତି ପାହିଲେ ଯାତ୍ରୀଙ୍କ ଭିଡ଼ ଲାଗିଥାଏ। ଦୂରଦୂରାନ୍ତକୁ ଯିବାକୁ ଅପେକ୍ଷାରତ ଯାତ୍ରୀଙ୍କ ସମେତ କଲେଜ ଛାତ୍ରୀଛାତ୍ର ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୧୬ରେ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ହୋଇଥିଲା। ତାହା ବିପଦସଙ୍କୁଳ ଅବସ୍ଥାରେ ପଡ଼ିଥିବାରୁ ବ୍ୟବହାର ହେଉନି। ୨୦୨୩ରେ ଏବେର ବିଧାୟକ ସନାତନ ମହାକୁଡ ନିଜସ୍ୱ ପାଣ୍ଠିରୁ ବସ୍‌ଷ୍ଟାଣ୍ଡରେ ୨ ଟି ଶୌଚାଳୟ ନିର୍ମାଣ କରିଥିଲେ। ଏବେ ଶୌଚାଳୟ ଟାଙ୍କିର ସିମେଣ୍ଟ ସ୍ଲାବଟି ଭାଙ୍ଗି ଯାଉ ନ ଥିବାରୁ ଦୁର୍ଗନ୍ଧରେ ପରିବେଶ ଫାଟି ପଡୁଛି। ଟାଙ୍କିର ମଇଳା ପାଣି ବାହାରକୁ ବାହାରି ଅସୁଥିବାରୁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ଯାତ୍ରୀଙ୍କୁ ହନ୍ତସନ୍ତ କରୁଛି। ସ୍ଥାନୀୟ ଏନ୍‌ଏସି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରି ଆସୁଥିଲା। କିନ୍ତୁ ବସ୍‌ଷ୍ଟାଣ୍ଡର ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ସମ୍ପର୍କରେ ଏନ୍‌ଏସିକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିଲା। ଏ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ଏ ବାବଦରେ ଅବଗତ ଅଛନ୍ତି। ଗୁରୁବାର ପ୍ରଥମେ ଗାଡି ଯାଇ ଟାଙ୍କି ସଫା କରିବ। ପରେ ଟାଙ୍କିର ସିମେଣ୍ଟ ସ୍ଲାବଟିକୁ ମରାମତି କରିବେ ବୋଲି କହିଥିଲେ।

# ଅଙ୍ଗନୱାଡି ଗୃହ ନିର୍ମାଣକୁ ନେଇ ଛକାପଞ୍ଝା


୨ ସାହିବାସୀଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ବଉଳା,୨୬।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ସିଙ୍ଗଡୋଭ ଗ୍ରାମର ନୂତନ ଅଙ୍ଗନୱାଡି ଗୃହ ନିର୍ମାଣକୁ ନେଇ ଦୁଇ ୱାର୍ଡବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏହାକୁ ନେଇ ଗୃହ ନିର୍ମାଣ ହୋଇନାରୁ ପ ଥିବା ବେଳେ ଗୁରୁବାର ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ମାତ୍ର ୨ ପକ୍ଷଙ୍କ ଜିଦ୍‌ରେ ପ୍ରଶାସନ ନିରାଶ ହୋଇ ଫେରିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ସିଙ୍ଗଡୋଭ ଗ୍ରାମ ୱାର୍ଡ ନଂ. ୧୧ ଓ ୧୨କୁ ନେଇ ଗଠିତ। ଗ୍ରାମରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ୨୪ ଲକ୍ଷ ଟଙ୍କାର ଅନୁଦାନ ଅନୁମୋଦିତ ହୋଇଛି। ଅଙ୍ଗନୱାଡିରେ ୩୦ଜଣ ଶିଶୁଙ୍କ ନାମ ପଞ୍ଜିକୃତ ହୋଇଥିବାବେଳେ ସେଥି ମଧ୍ୟରୁ ପୁରୁଣା ସିଙ୍ଗଡୋଭ ୧୨ ନଂ. ୱାର୍ଡର ୨୭ ଓ ୧୧ ନଂ. ୱାର୍ଡର ୩ଜଣ ଶିଶୁ ପଢୁଛନ୍ତି। ୨ ୱାର୍ଡକୁ ୨ଟି ସାହି କୁହାଯାଉଥିବା ବେଳେ ୨ ସାହିର ଲୋକଙ୍କ ବିବାଦ ଯୋଗୁ ଅଙ୍ଗନୱାଡ଼ି ଗୃହଟି ନିର୍ମାଣ ହୋଇ ନ ପାରି ପଡ଼ିରହିଛି। ସରପଞ୍ଚଙ୍କ ସମର୍ଥକମାନେ ଗୋଟିଏ ସାହିରେ ଗୃହ ନିର୍ମାଣ କରିବାକୁ ଦାବି କରୁଥିବାବେଳେ ବ୍ଲକ୍ ଉପାଧ୍ୟକ୍ଷଙ୍କ ସମର୍ଥକ ଅନ୍ୟ ଏକ ସାହିରେ ଏହାକୁ ନିର୍ମାଣ କରିବାକୁ ଦାବି କରୁଛନ୍ତି। ୧୨ ନଂ. ୱାର୍ଡ ସାହିର ଅଧିକ ଶିଶୁ ଥିବାରୁ ସେଠାରେ ଗୃହ ନିର୍ମାଣ କରାଯିବାକୁ ସାହିବାସୀ ଦାବି କରିବା ସହିତ ୭ ଦିନ ମଧ୍ୟରେ ଗୃହ ନିର୍ମାଣ ଆରମ୍ଭ ନ କଲେ ଅନଶନ କରିବେ ବୋଲଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବିପତ୍ର ବିଡିଓ ଓ ସିଡିପିଓଙ୍କୁ ପ୍ରଦାନ କରିଥିଲେ। ଗୁରୁବାର ବିଡିଓ ରଞ୍ଜନ କୁମାର ପରିଡା, ସିଡିପିଓ ଉମାମଣୀ ମହାପାତ୍ର, ବିଏସଡବ୍ଲ୍ୟୁଓ ସବିତା ଦାସ, ସହକାରୀ ବିଏସ୍‌ଡବ୍ଲ୍ୟୁଓ ସୁଧା ଗୋସ୍ୱାମୀ, ସୁପରଭାଇଜର ପ୍ରଭାସିନୀ ଜେନା ଗ୍ରାମରେ ପହଞ୍ଚି ଗୃହ ନିର୍ମାଣ ପାଇଁ ଦୁଇ ସାହିର ଲୋକଙ୍କୁ ଡାକି ଆଲୋଚନା କରିଥିଲେ। ମାତ୍ର ୨ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପ୍ରଶାସନିକ ଅଧିକାରୀ ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ଗୃହ ନିର୍ମାଣ ପାଇଁ ସମାଧାନ ହୋଇପାରିନାହିଁ। ସେ ସମ୍ପର୍କରେ ଅଧିକ କହିବା ଅନୁଚିତ ବୋଲି କହି ଏଡାଇଯାଇଥିଲେ।

# ଆକ୍ରମଣ, ଟଙ୍କା ଲୁଟ୍ ମାମଲାରେ ୩ ଗିରଫ

କେନ୍ଦୁଝର,୨୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ପୋଲିସ ଆକ୍ରମଣ ଏବଂ ଟଙ୍କା ଆଦାୟ ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଗନ୍ନାଥପୁରର ଶିବ ଶଙ୍କର ରାଉତ (୨୫), ବୁଲଦ୍ୱାର ସାହିର ଆଦିତ୍ୟ ସେଠୀ (୨୪) ଓ ଆଟୋପୁରର ଦ୍ରୌପଦୀ ପାତ୍ର (୩୫)। ଟାଉନ ଥାନାରେ ଏକ ମାମଲା(ନଂ.୧୫୦/୨୦୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ସୂଚନା ମୁତାବକ, ଯୋଡ଼ା ଧବଳେଶ୍ୱର ହାଇସ୍କୁଲରେ ଶିକ୍ଷକଭାବେ କାର୍ଯ୍ୟରତ ନୟାଗଡ଼ ଜିଲାର ବିଜୟ କୁମାର ନାୟକଙ୍କୁ ଅଭିଯୁକ୍ତମାନେ ଗତ ୨୦ ତାରିଖରେ ଜରଜବରଦସ୍ତ ବାଇକ୍ ଯୋଗେ ସିଦ୍ଧ ମଠକୁ ନେଇଯାଇଥିଲେ। ସେଠାରେ ଧମକ ଦେଇ ମୋବାଇଲରୁ ଅନଲାଇନ କାରବାର ମାଧ୍ୟମରେ ୭୫,୦୦୦ ଟଙ୍କା ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ଜଗନ୍ନାଥ ମନ୍ଦିର ନିକଟରେ ଥିବା ଏକ ଏଟିଏମରୁ ୮,୦୦୦ ଟଙ୍କା ଉଠାଇ ନେଇଥିଲେ। ଏ ନେଇ ଶିକ୍ଷକ ୨୧ ତାରିଖରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ହରିଚନ୍ଦନପୁର ବ୍ଲକ୍ ଜଘିରା ଅଞ୍ଚଳ ଏବଂ ଆଟୋପୁର ଗ୍ରାମରେ ଚଢାଉ ସମୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ନିକଟରୁ ୮୩,୦୦୦ ହଜାର ଟଙ୍କା ଜବତ କରିବା ସହ ଅପରାଧରେ ବ୍ୟବହୃତ ଗୋଟିଏ ଲୁହା କୁରାଢ଼ି, ୨ଟି ମୋବାଇଲ, ଏକ ବାଇକ୍ ଜବତ ହୋଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ପୂର୍ବରୁ ଅପରାଧିକ ରେକର୍ଡ ଥିବା ପୋଲିସ ସୂଚନା ଦେଇଛି।

# କଳାକାର ବିକାଶ ମଞ୍ଚର ବୈଠକ

ଆନନ୍ଦପୁର,୨୬।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର କଳାକାର ବିକାଶ ମଞ୍ଚର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ପାଣିଙ୍କ ସଂଯୋଜନାରେ ବୈଠକରେ ସଙ୍ଗୀତ ଗୁରୁ ମନୋରଞ୍ଜନ ମହାପାତ୍ର, ଶମ୍ଭୁନାଥ ରଣା, ହରିହର ଜେନା, ସନ୍ତୋଷ ପରିଡା, ମଦନ କୁଣ୍ଡ, ଶାନ୍ତନୁ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରଦତ୍ତ କଳାକାର ଭତ୍ତା ୫ ହଜାରକୁ ବୃଦ୍ଧି, ମଞ୍ଚ କାର୍ଯ୍ୟକ୍ରମ ସମୟରେ ଦୁର୍ଘଟଣା ଜନିତ କ୍ଷୟକ୍ଷତି, କଳାକାର ସଂଘର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଜମି ପ୍ରଦାନ, ସାମାଜିକ ସୁରକ୍ଷା ସମସ୍ୟା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଶ୍ରୀରାମ ମନ୍ଦିର ନିମନ୍ତେ ଭିତ୍ତିପ୍ରସ୍ତର

ଢେଙ୍କିକୋଟ,୨୬।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଢେଙ୍କିକୋଟ ଶ୍ରୀରାମ ନବମୀ ପୂଜା କମିଟି ତରଫରୁ ଦଳେଇ ସାହିସ୍ଥିତ ହନୁମାନ ବାଟିକା ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଢେଙ୍କିକୋଟ ଆଖପାଖ ୧୫ଖଣ୍ଡ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପୂଜକ ଦେବପ୍ରସାଦ ମହାଜନ, ଜ୍ୟୋତି ପ୍ରକାଶ ମିଶ୍ର, ବିଶ୍ୱ ରଞ୍ଜନ ପଣ୍ଡା ଓ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଯଥାବିଧି ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଭିତ୍ତିପ୍ରସ୍ତର ଉତ୍ସବରେ ସଂକଳ୍ପଧାରୀ କମିଟିର ସଦସ୍ୟ ଅଜୟ ଦଳେଇ ସସ୍ତ୍ରିକ ପୂଜାକାର୍ଯ୍ୟରେ ସଂକଳ୍ପ କରିଥିବା ବେଳେ କମିଟିର ସଭାପତି ରାଜକିଶୋର ସାହୁ, ସମ୍ପାଦକ ମକରଧ୍ୱଜ ସାହୁ, ସକ୍ରିୟ ସଦସ୍ୟ କୃପା ଦଳେଇ, ଇଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଘଟଗାଁ ମା' ତାରିଣୀଙ୍କଠାରୁ ଆଜ୍ଞା ମାଳ ଅଣାଯାଇ ଶିଳାନ୍ୟାସ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ମୁଖ୍ୟ ପୂଜକ ଦେବ ପ୍ରସାଦ ମହାଜନ ପୂର୍ଣ୍ଣାହୁତି ଦେଇଥିଲେ।


କାର୍ଯ୍ୟକ୍ରମରେ ଶ୍ରୀରାମ ନବମୀ ପୂଜା କମିଟି ସଦସ୍ୟଙ୍କ ସହ ଅନ୍ୟମାନେ।

# ମେଡିକାଲ କଲେଜ ସମସ୍ୟା ନେଇ ଏଏପିର ଆଲୋଚନା

କେନ୍ଦୁଝର,୨୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଧରଣୀଧର ମେଡ଼ିକାଲ କଲେଜର ବିଭିନ୍ନ ସମସ୍ୟାକୁ ନେଇ ଆମ ଆଦମୀ ପାର୍ଟି ତରଫରୁ ଜିଲା ସଭାପତି ପ୍ରେମାନନ୍ଦ ସିଂଙ୍କ ନେତୃତ୍ୱରେ ମେଡିକାଲ କଲେଜର ସୁପେରିଣ୍ଟେଣ୍ଡେଣ୍ଟ ମହେନ୍ଦ୍ର ନାୟକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ବିଭିନ୍ନ ସମସ୍ୟାକୁ ଆପ କର୍ମୀମାନେ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ଶିଶୁ ବିଭାଗ ଓ ମାତୃ ବିଭାଗ ମଧ୍ୟ କାର୍ଯ୍ୟକାରୀ ହେବ ବୋଲି ଡାକ୍ତର ନାୟକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଜିଲା ଯୁବ ସଭାପତି କୋମଳ ଲୋଚନ ମହାନ୍ତ, ଜିଲା କୋଷାଧ୍ୟକ୍ଷ ସନ୍ତୋଷ ବାରିକ, କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ସଭାପତି ଜୟକୃଷ୍ଣ ନାଏକ, ଦିପୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଜେମା' କାନ୍ଧରେ କୁନି ନାତୁଣୀନାତିଙ୍କ ବୋଝ

- ଆଗ ପଛ ହୋଇ ଚାଲିଗଲେ ମା' ବାପା
- ରାଶନ, ଆବାସ, ପିଲାଙ୍କ ପଢ଼ା ବ୍ୟବସ୍ଥା କରିବାକୁ ନିବେଦନ

କେନ୍ଦୁଝର,୨୬।୨(ନରେଶ ଚନ୍ଦ୍ର ପଟ୍ଟନାୟକ)


ଜେଜେ ମା'ଙ୍କ ନିକଟରେ ୨ ଶିଶୁ।

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ ଅଧୀନ ଆଦିବାସୀ ବହୁଳ କୁଣ୍ଢେଇ ଗ୍ରାମରେ ଅବହେଳିତ ଅବସ୍ଥାରେ ଶୁକୁରା ମୁଣ୍ଡାଙ୍କ ପରିବାର ରହୁଛନ୍ତି। ପ୍ରଥମେ ଶୁକୁରାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ବର୍ଷ ଶୁକୁରା ମୃତ୍ୟୁବାରଣ କରିଛନ୍ତି। ଦମ୍ପତିଙ୍କ ମୃତ୍ୟୁ ପରେ ୨ ଛୋଟ ପିଲାଙ୍କ ବୋଝ ବୁଢ଼ୀ ଜେଜେମା' କାନ୍ଧରେ ପଡ଼ିଛି। ଅଭାବରେ ଛୋଟ ପିଲାଙ୍କ ଲାଳନପାଳନ ନିମନ୍ତେ ଭିକ୍ଷାବୃତ୍ତି କରୁଥିବା କହିଛନ୍ତି। ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଜିଲା ସଦର ମହକୁମାଠାରୁ ୧୭ କି.ମି. ଦୂର କୁଣ୍ଢେଇ ଗ୍ରାମରେ ଶୁକୁରା ମୁଣ୍ଡା ପରିବାର ସହ ରହୁଥିଲେ। ପର ଘରେ ମଜୁରି କରି ଗୁଜୁରାଣ ମେଣ୍ଟାଉଥିଲେ। ବହୁ ବର୍ଷ ପୂର୍ବେ ଶୁକୁରାଙ୍କ ପ୍ରଥମ ସ୍ତ୍ରୀ ରୋଗଗ୍ରସ୍ତ ହୋଇ ଆଖି ବୁଜିବା ପରେ କସ୍ତୁରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କସ୍ତୁରୀ ଓ ତାଙ୍କର ୯ ବର୍ଷର ଝିଅ ଓ ୪ ବର୍ଷର ପୁଅ ରହିଛି। ରୋଗଗ୍ରସ୍ତ ହୋଇ କସ୍ତୁରୀଙ୍କ ୨୦୨୪ରେ ମୃତ୍ୟୁ ହୋଇଥିବା ବେଳେ ଶୁକୁରାଙ୍କ ମଧ୍ୟ ୨୦୨୫ରେ ମୃତ୍ୟୁ ଘଟିଥିଲା। ଏବେ ଘରେ ରୋଜଗାର କରିବାକୁ କେହି ନ ଥିବା ବେଳେ ୭୦ ବର୍ଷର ବୁଢ଼ୀ ମା' ଚାର୍ମୀ ମୁଣ୍ଡାଙ୍କ ଭରସାରେ ୨ ପିଲା ରହିଛନ୍ତି। ନାତିନାତୁଣୀଙ୍କ ସହ ଖେଳିବା ବୟସରେ ଭିକ୍ଷାବୃତ୍ତିକରି ୨ ପିଲାଙ୍କ ମୁହଁରେ ଦାନା ଦେଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳ ପାଉ ନ ଥିବାବେଳେ ମା', ବାପାଙ୍କ ମୃତ୍ୟୁ ପରେ ବି କିଛି ଅନୁକମ୍ପାମୂଳକ ରାଶି ମିଳିନାହିଁ। ଆବାସ ଯୋଜନାରେ ଘର ମିଳି ନ ଥିବାରୁ ଭଙ୍ଗା ଦଦରା ଘରେ କାଳାତିପାତ କରୁଛନ୍ତି। ନିକଟ ବିଦ୍ୟାଳୟରେ ପିଲା ୨ଟିଙ୍କ ନାମ ଲେଖାଯାଇଛି। ମାତ୍ର ସକାଳ ହେଲେ ଖାଇବା ଚିନ୍ତା ରହୁଥିବା ବେଳେ ଏଭଳି ସମୟରେ ପଢ଼ା କଥା କିଏ ପଚାରେ। ଦୁହେଁ ଜେଜେମା' ସହ ବୁଲି ଭିକ୍ଷାବୃତ୍ତି କରୁଥିବା ଜଣାପଡ଼ିଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆଶା ପକ୍ଷରୁ ସହାୟତା ଉଦ୍ୟମ କରାଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ହୋଇଛି। କିନ୍ତୁ ଜାଣିଶୁଣି ଅବହେଳା କରାଯାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଶୁକୁରାଙ୍କ ପିଲାଙ୍କ ଚଳିବା ନିମନ୍ତେ ଚାଉଳ ଯୋଗାଇବା ସହ କୌଣସି ଆବାସିକ ବିଦ୍ୟାଳୟରେ ପିଲା ଦୁହିଁଙ୍କୁ ଭର୍ତ୍ତିକରିବା ଏବଂ ପକ୍କାଘର ଯୋଗାଇ ଦେବାକୁ ସଙ୍ଗଠନ ପକ୍ଷରୁ ଉମ୍ବରୁଧର ଘଣାଙ୍କ ସମେତ ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ନିବେଦନ କରିଛନ୍ତି।

# ବିପିସିଙ୍କୁ ଦର୍ଶାଯାଇଛି ଜବକାର୍ଡଧାରୀ ଶ୍ରମିକ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

### ଅଯୋଗ୍ୟ ଜବ୍‌କାର୍ଡଧାରୀଙ୍କ ଖାତାକୁ ଯାଇଛି ଅର୍ଥ

ବଞ୍ଚୋ,୨୬।୨(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅନିୟମିତତା ହୋଇଛି। ବ୍ଲକ୍‌ର ମରେଇଗାଁ ପଞ୍ଚାୟତର ବନ୍ତଳାଠାରୁ ଜମ୍ପିରା ପର୍ଯ୍ୟନ୍ତ ରାସ୍ତାକୁ ଉନ୍ନତୀକରଣ ନାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨ ଥର ଅର୍ଥ ଉଠାଣ ହୋଇଛି। ଏଥିସହ ପ୍ରକଳ୍ପରେ ଚାକିରିଆ, ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଜବ୍‌କାର୍ଡଧାରୀ ଶ୍ରମିକ ଦର୍ଶାଇ ଅର୍ଥ ପ୍ରଦାନ କରାଯାଇଛି। ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକକର୍ମୀ ହିମାଂଶୁ ନାୟକ ଦାବି କରିଛନ୍ତି।

ପ୍ରକାଶ ଯେ, ବ୍ଲକ୍‌ର ମରେଇଗାଁ ପଞ୍ଚାୟତର ବନ୍ତଳାଠାରୁ ଜମ୍ପିରା ପର୍ଯ୍ୟନ୍ତ ରାସ୍ତାରେ ମାଟି ଓ ମୋରମ ପକାଇବା ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୨୦୨୫ ଏପ୍ରିଲ ୧୦ରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୫୬ ଜବ୍‌କାର୍ଡଧାରୀ ୧୦୭୭ଦିନ କାର୍ଯ୍ୟ କରିଥିବା ଦର୍ଶାଯାଇଛି। ମଜୁରି ବାବଦକୁ ୨ ଲକ୍ଷ ୯୪ ହଜାର ୨୧ ଟଙ୍କା ପ୍ରଦାନ କରାଯାଇଥିଲା। ରାସ୍ତା କାର୍ଯ୍ୟ ୬ ମାସ ମଧ୍ୟରେ ଶେଷହେବା ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି। ଏହା ମଧ୍ୟରେ ରାସ୍ତାର ନାଁ ବଦଳାଇ ପୁନର୍ବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ 'କେଶବ ଜେନା ଘରଠାରୁ ଜମ୍ପିରା ପର୍ଯ୍ୟନ୍ତ' ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପ ୨୦୨୬ ଜାନୁଆରୀ ୧୦ରୁ ଆରମ୍ଭ ହୋଇଥିବା ବେଳେ ୬ଟି ମଷ୍ଟର ରୋଲ ଜରିଆରେ ୫୧ ଜଣ ଶ୍ରମିକ ୩୩୯ ଦିନର କାର୍ଯ୍ୟ କରିଥିବା ଦର୍ଶାଯାଇଛି। ମାତ୍ର ଜବ୍‌କାର୍ଡଧାରୀ ଶ୍ରମିକ ଆଦୌ କାର୍ଯ୍ୟ କରି ନ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ଫଟୋକୁ ବାରମ୍ବାର ବ୍ୟବହାର କରାଯାଇଛି। ଅଯୋଗ୍ୟ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଯୋଗାଇଦେଇଥିବା ଦର୍ଶାଇ ୯୦ ହଜାର ୯୦୯ ଟଙ୍କା ଉଠାଯାଇଛି। ମରେଇଗାଁ ପଞ୍ଚାୟତ ଅନ୍ତର୍ଗତ ନିଶଙ୍କପୁର ଗ୍ରାମର ଜନୈକ ବ୍ୟକ୍ତି ଏବେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍‌ରେ ବିପିସି (ବ୍ଲକ୍ ପ୍ରୋଜେକ୍ଟ କୋଅର୍ଡିନେଟର) ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ଜବ୍‌କାର୍ଡଧାରୀ ଶ୍ରମିକ ଭାବେ ଦର୍ଶାଯାଇ ମଷ୍ଟର ରୋଲ୍ ନଂ. ୯୭୬୧ରେ ଚଳିତ ବର୍ଷ ଫେବୃଆରୀ ୮ ତାରିଖରୁ ୬ ଦିନ କାର୍ଯ୍ୟ କରିଥିବା ଦର୍ଶାଇ ମଜୁରି ବାବଦକୁ ତାଙ୍କ ହାଟଡ଼ିହୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଥିବା ଖାତାକୁ ୧୬୩୮ ଟଙ୍କା ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ୍‌ରେ କାର୍ଯ୍ୟରତ ଜଣେ କର୍ମଚାରୀ ସରକାରୀ କାର୍ଯ୍ୟଦିବସରେ କିପରି ମରେଇଗାଁ ପଞ୍ଚାୟତର ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ପଞ୍ଚାୟତର ବର୍ଦ୍ଧନପୁର ଗ୍ରାମର ଜଣେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧଙ୍କ ଜବ୍‌କାର୍ଡ (ନଂ. ଓଆର୍-୦୩-୦୦୯-୦୧୯-୦୦୨/୨୭୯୯)ରେ ୪୧ ବର୍ଷ ଦର୍ଶାଇ ୭ ଦିନର ମଜୁରି ବାବଦକୁ ବ୍ୟାଙ୍କ ଖାତାକୁ ୧୯୧୧ ଟଙ୍କା ପ୍ରଦାନ କରାଯାଇଛି। ବର୍ଦ୍ଧନପୁରରୁ ବନ୍ତଳାର ଦୂରତା ୧୦ କି.ମି.ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଅର୍ଥ ଆତ୍ମସାତ୍ ଉଦ୍ଦେଶ୍ୟରେ ତାଙ୍କ ଜବ୍‌କାର୍ଡ ବ୍ୟବହାର କରାଯାଇଛି। ସେହିପରି ନିସଙ୍ଗପୁରର ୭୫ ବର୍ଷୀୟ ବୃଦ୍ଧଙ୍କୁ ୬ ଦିନ କାମ କରିଥିବା ଦର୍ଶାଇ ୧୬୩୮ ଟଙ୍କା ପ୍ରଦାନ କରାଯାଇଛି। ତାଙ୍କ ବୟସକୁ ଜାଲିଆତିକରି ଜବ୍‌କାର୍ଡ (ନଂ. ଓଆର-୦୩-୦୦୯-୦୧୯-୦୧୦/୨୫୬୨୦)ରେ ୩୨ ବର୍ଷ ବୋଲି ଦର୍ଶାଯାଇଛି। ପଞ୍ଚାୟତର ଡଙ୍କୁରୀଠାରୁ ବନ୍ତଳା ଗ୍ରାମର ଦୂରତା ୧୨ କି.ମି. ହୋଇଥିବାବେଳେ ଡଙ୍କୁରୀର ୬ରୁ ଊର୍ଦ୍ଧ୍ୱଙ୍କୁ ରାସ୍ତା ନିର୍ମାଣରେ ଶ୍ରମିକଭାବେ ଦର୍ଶାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ପ୍ରଦାନ କରାଯାଇଥିବା ଉକ୍ତ ବ୍ୟକ୍ତିମାନେ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ପ୍ରକଳ୍ପଟି ଖାତା ନଂ. ୩୬୫/୪୬୨ ଏବଂ ପ୍ଲଟ୍ ନଂ. ୪୬୮/୫୯୮ ଉପରେ ନିର୍ମାଣ ହେଉଥିବା ଦର୍ଶାଯାଇଥିବା ବେଳେ ଉଭୟ ବନ୍ତଳା ଓ ଜମ୍ପିରା ଗ୍ରାମରେ ସେଭଳି କୌଣସି ଖାତା ନମ୍ବର ଓ ପ୍ଲଟ୍ ନମ୍ବର ନ ଥିବା ସରକାରଙ୍କ ରାଜସ୍ୱ ବିଭାଗର ୱେବ୍‌ସାଇଟରୁ ସ୍ପଷ୍ଟ ହୋଇଛି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା କହିଛନ୍ତି, ବିଷୟଟି ଗୁରୁତର। ଏହାର ସମ୍ପୂର୍ଣ୍ଣ ତଦନ୍ତକରି ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରକାଶ ଥାଉକି, ଗତବର୍ଷ ଉକ୍ତ ରାସ୍ତାଟି ପଞ୍ଚାୟତିରାଜ ବିଭାଗରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଯାଇଥିଲା। ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇ ଟେଣ୍ଡର ଆହ୍ୱାନ ସହ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ରାସ୍ତାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ହଡ଼ପ କରିବାକୁ ସୁଚିନ୍ତିତ ଯୋଜନା କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

